بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ:

କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ

# ବଦର୍

Weekly BADAR Qadian

କାଦିଆନ

Odia

ସଂଖ୍ୟା: 46

ବାର୍ଷିକ ଦେୟ : 600/-

21 ଜୁମାଦିଉଲ୍ ଅୱ୍ୱଲ୍, 1447 ହି.କ, 13 ନବୁୱତ୍ 1404 ହି.ଶ, 13 November 2025 ମସିହା

www.akhbarbadr.in


### ଅଲ୍ଲାଃତାଲାଙ୍କ ବାଣୀ

اِنَّ اللّٰہَ لَا یَخۡفٰی عَلَیۡہِ شَیۡءٌ فِی الۡاَرۡضِ وَلَا فِی السَّمَآءِ ○

(ଆଲେ ଇମ୍ରାନ୍: 06)

**ଅନୁବାଦ:** ନିଃସନ୍ଦେହ ରୂପେ ଆକାଶ ଓ ପୃଥିବୀରେ ଥିବା କୌଣସି ବସ୍ତୁ ଅଲ୍ଲାଃତାଲାଙ୍କ ଠାରୁ ଆଦୌ ଲୁକ୍କାୟିତ ନାହିଁ ।

### ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ** ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ୍ ସ.ଅଙ୍କ ବାଣୀ

### କର୍ତ୍ତବ୍ୟବୋଧ ସଂପର୍କରେ ଶିକ୍ଷା ପ୍ରଦାନ:

(2227) ହ. ଉବୈଦୁଲ୍ଲାଃ ର.ଅ ବର୍ଣ୍ଣନା କରନ୍ତି ଯେ, ଜମାମ୍ ବିନ୍ ସାଆଲ୍‌ବା ନାମକ ଜଣେ ବ୍ୟକ୍ତି ଆଁହଜରତ ସ.ଅଙ୍କ ପାଖକୁ ଆସିଲା ଏବଂ ସେ ଆପଣ ସ.ଅଙ୍କୁ ଇସ୍‌ଲାମ୍ ଧର୍ମ ଓ ଅନ୍ୟାନ୍ୟ ବିଷୟ ସଂପର୍କରେ ପଚାରୁଥିଲା । ରସୁଲୁଲ୍ଲାଃ ସ.ଅ କହିଲେ, ବତ୍ସ ! ତୁମେ ଦିନ ରାତି ପାଞ୍ଚବେଳା ନମାଜ ପାଠ କରିବ । ପ୍ରତ୍ୟୁତ୍ତରରେ ସେହି ବ୍ୟକ୍ତି ଜଣକ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ!ଏହି ପାଞ୍ଚବେଳା ନମାଜ୍‌କୁ ଛାଡ଼ି ଦେଲେ ମୋ ଉପରେ ଅନ୍ୟ କୌଣସି ନମାଜ୍ ପାଠ କରିବା ଅନିର୍ବାର୍ଯ୍ୟ ଅଟେ କି ? ଆପଣ ସ.ଅ କହିଲେ, ଏହି ପାଞ୍ଚବେଳା ନମାଜ୍‌କୁ ଛାଡ଼ି ଦେଲେ ତୁମ ଉପରେ ଅନ୍ୟ କୌଣସି ନମାଜ୍ ଅନିର୍ବାର୍ଯ୍ୟ ନୁହେଁ । କିନ୍ତୁ ତୁମେ ଯେଉଁ ନମାଜ୍ ସ୍ୱଇଚ୍ଛାରେ ପାଠ କର ତାହା ବାଧ୍ୟତାମୂଳକ ନୁହେଁ । ସେହି ନମାଜ୍‌ଟି ନଫିଲ୍ ନମାଜ୍ ଅଟେ ।

ପୁନଶ୍ଚ ରସୁଲ୍ କରୀମ୍ ସ.ଅ କହିଲେ, ବତ୍ସ ! ତୁମ ପକ୍ଷେ ରମ୍‌ଜାନ୍ ମାସର ରୋଜା ରଖିବା ମଧ୍ୟ ଅନିର୍ବାର୍ଯ୍ୟ ଅଟେ । ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହି ଅନିର୍ବାର୍ଯ୍ୟ ରୋଜାକୁ ଛାଡ଼ି ଦେଲେ ମୋ ଉପରେ ଅନ୍ୟ କୌଣସି ରୋଜା (ରଖିବା) ଅନିର୍ବାର୍ଯ୍ୟ ଅଟେ କି? ଆପଣ ସ.ଅ କହିଲେ, ଏହି ଫର୍ଜ ରୋଜାକୁ ଛାଡ଼ି ଦେଲେ ତୁମ ଉପରେ ଅନ୍ୟ କୌଣସି ରୋଜା ଅନିର୍ବାର୍ଯ୍ୟ ନୁହେଁ । କିନ୍ତୁ ତୁମେ ଯେଉଁ ରୋଜା ସ୍ୱଇଚ୍ଛାରେ ରଖିବ ତେବେ ତାହା ତୁମ ପକ୍ଷେ ନିଫିଲ୍ ହେବ, ବାଧ୍ୟତାମୂଳକ ନୁହେଁ ।

ରସୁଲ୍ କରୀମ୍ ସ.ଅ ପୁନଶ୍ଚ ସେହି ବ୍ୟକ୍ତି ସମ୍ମୁଖରେ ଜକାତ୍‌ର ଚର୍ଚ୍ଚା କରି କହିଲେ, ବତ୍ସ ! ତୁମେ ଜକାତ୍ ଦିଅ । ସେହି ବ୍ୟକ୍ତି ଜଣକ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ଉପରେ ଜକାତ୍‌କୁ ଛାଡ଼ିଦେଲେ ଅନ୍ୟ କୌଣସି ଦେୟ ଦେବା ଅନିର୍ବାର୍ଯ୍ୟ ଅଟେ କି? ଆପଣ ସ.ଅ କହିଲେ, ଜକାତ୍‌କୁ ଛାଡ଼ି ଦେଲେ ତୁମ ଉପରେ ଅନ୍ୟ କୌଣସି ଦେୟ ଅନିର୍ବାର୍ଯ୍ୟ ନୁହେଁ । କିନ୍ତୁ ତୁମେ ଯେଉଁ ଦାନ ବା ଦେୟ ସ୍ୱଇଚ୍ଛାରେ କର, ତେବେ ତାହା ତୁମ ପକ୍ଷେ ନିଫିଲ୍ ଅଟେ, କିନ୍ତୁ ତାହା ବାଧ୍ୟତାମୂଳକ ନୁହେଁ ।

ହ. ତଲ୍‌ହା ର.ଅ କହିଲେ, ଏହିସବୁ କଥା ଶୁଣି ସେହି ବ୍ୟକ୍ତି ଅନ୍ୟ ଦିଗ ମୁହଁ ବୁଲାଇ ଚାଲିଗଲା ଏବଂ ସେହି ବ୍ୟକ୍ତି ଏହା କହି ଚାଲିଥିଲା ଯେ, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ମୁଁ ଆଁହଜରତ ସ.ଅଙ୍କ ଦ୍ୱାରା ପ୍ରଦତ୍ତ ଉପଦେଶ ବ୍ୟତୀରେକ ତହିଁରୁ ନା କିଞ୍ଚିତ ଅଧିକ କରିବି ଓ ନା ହିଁ ମୁଁ ତହିଁରୁ କିଛି ବି ଊଣା କରିବି। ରସୁଲୁଲ୍ଲାଃ ସ.ଅ କହିଲେ, ଯଦି ଉକ୍ତ ବ୍ୟକ୍ତି ଜଣକ ସତ୍ୟବାଦୀ ତେବେ ଏହି ବ୍ୟକ୍ତି ସାଫଲ୍ୟମଣ୍ଡିତ ହୋଇଗଲା । **(ସହି ବୁଖାରୀ, ବାବ୍-କିତାବୁଶ ଶାହାଦାତ୍, ପ୍ରକାଶନ ସ୍ଥାନ-କାଦିୟାନ୍, 2008 ମସିହା)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ବାର୍ତ୍ତାବହଙ୍କୁ ସ୍ୱୀକାର କରେ ନାହିଁ ତେବେ ସେହି ବ୍ୟକ୍ତି ଅବିଶ୍ୱାସକାରୀ ଅଟେ । କିନ୍ତୁ ଯେଉଁ ବ୍ୟକ୍ତି ପ୍ରତିଶୃତ ମସିହ୍ ଓ ଅଙ୍ଗୀକୃତ ମେହ୍‌ଦୀକୁ ସ୍ୱୀକାର କରେ ନାହିଁ ସେହି ବ୍ୟକ୍ତିର ବିଶ୍ୱାସ ମଧ୍ୟ ଛିନ୍ନ ହୋଇଯିବ । ଉଭୟର ପରିଣାମ ସମାନ ଅଟେ ।**

**ଇସ୍ତିଗଫାର୍ :** ଜଣେ ବ୍ୟକ୍ତି ହ. ମସିହ୍ ମଉଦ୍ ଅ.ସଙ୍କୁ ଋଣ ପରିଶୋଧ ହେବା ପାଇଁ ଦୁଆ କରିବାକୁ ନିବେଦନ କଲା । ପ୍ରତ୍ୟୁତ୍ତରରେ ଆପଣ ଅ.ସ କହିଲେ, "ବତ୍ସ ! ତୁମେ ବହୁତ ଇସ୍ତିଗଫାର୍ (ଈଶ୍ୱରଙ୍କ ନିକଟରେ କ୍ଷମା ଯାଚନା) ପାଠ କର ।"

**ଆରବୀ ବ୍ୟାଖ୍ୟା ନିମନ୍ତେ ଆଦୃଷ୍ଟ ଶକ୍ତି:**

ହୁଜୁର ଅ.ସ ତଫ୍‌ସିର୍ (ବ୍ୟାଖ୍ୟା) ଲେଖିବା ପ୍ରସଙ୍ଗରେ କହିଲେ: "ଆଉ ଖୁବ୍ କମ୍ ଦିନ ରହି ଯାଇଛି । ବର୍ତ୍ତମାନ ତ' ମୁଁ ଏହିପରି ଶୀଘ୍ର ଶୀଘ୍ର ଉଲ୍ଲେଖ କରି ଦେଉଛି ଯେପରି ଉର୍ଦ୍ଦୁ ଭାଷା ଲେଖା ଯାଇଥାଏ । କେବଳ ସେତିକି ନୁହେଁ ବରଂ ଅନେକ ଥର ତ' ଅହରହ କଲମ୍ ଚାଲିଥାଏ ଏବଂ ମୁଁ ଏହା ଜାଣି ନାହିଁ ଯେ, ମୁଁ କ'ଣ ଲେଖୁଛି ?"

**ଅଣ ଅହମଦିମାନଙ୍କ ପଛରେ ନମାଜ ପାଠ କରିବା:**

ଜଣେ ବ୍ୟକ୍ତି ହ. ମସିହ୍ ମଉଦ୍ ଅ.ସଙ୍କୁ ପ୍ରଶ୍ନ କଲା ଯେ, ହୁଜୁର୍ ! ଯେଉଁମାନେ ଆପଣ ଅ.ସଙ୍କୁ ଅନୁଗାମୀ ନୁହନ୍ତି, (ଯେଉଁମାନେ ଆପଣ ଅ.ସଙ୍କୁ ସ୍ୱୀକାର କରି ନାହାନ୍ତି, ଆପଣ ଅ.ସଙ୍କ ବୈଅତ୍ କରି ନାହାନ୍ତି) ତେବେ ସେହି ପ୍ରତ୍ୟାଖ୍ୟାନକାରୀମାନଙ୍କ ପଛରେ ନମାଜ୍ ପାଠ କରିବା ପାଇଁ ଆପଣ ଅ.ସ କାହିଁକି ବାରଣ କରିଛନ୍ତି ?

ପୁଣ୍ୟଶ୍ଳୋକ ପ୍ରତ୍ୟୁତ୍ତରରେ କହିଲେ, "ଅଲ୍ଲାଃତାଲା ଏହି ସଂପ୍ରଦାୟକୁ ଯେଭଳି ଭାବରେ ସ୍ଥାପନ (ଗଢ଼ିଛନ୍ତି) କରିଛନ୍ତି ଠିକ୍ ସେହିଭଳି କେତେକ ଲୋକମାନେ ଆତୁରତାର ସହିତ ଉକ୍ତ ସଂପ୍ରଦାୟ ପ୍ରତି କୁଧାରଣା ବ୍ୟକ୍ତି କରି ଉକ୍ତ ସଂପ୍ରଦାୟକୁ ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି ଏବଂ ସେମାନେ ଏପରି ନିଦର୍ଶନମାନକୁ ଦେଖି ମଧ୍ୟ ତାହା ପ୍ରତି ଭୃକ୍ଷେପ କଲେ ନାହିଁ ଓ ଇସ୍‌ଲାମ୍ ଧର୍ମ ଉପରେ ଯେଉଁ ବିପତ୍ତି ଅବତୀର୍ଣ୍ଣ ହେଲା ତାହା ପ୍ରତି ସେମାନେ ଅବଚେତନ ହୋଇ ପଡ଼ି ରହିଛନ୍ତି । ସେହି ଲୋକମାନେ ଧର୍ମପରାୟଣତାକୁ ଅବଲମ୍ବନ କଲେ ନାହିଁ ।

ଅତଏବ୍ ଏଥି ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି ଯେ, اِنَّمَا یَتَقَبَّلُ اللّٰہُ مِنَ الۡمُتَّقِیۡنَ **(ଅଲ୍ ମାଏଦା: 28)** ଅର୍ଥାତ୍ ଅଲ୍ଲାଃତାଲା ଧର୍ମପରାୟଣ ବ୍ୟକ୍ତିମାନଙ୍କୁ ଠାରୁ ହିଁ ଉତ୍ସର୍ଗ ଗ୍ରହଣ କରନ୍ତି । ଅଲ୍ଲାଃତାଲା କେବଳ ଧର୍ମାପରାୟଣ ବ୍ୟକ୍ତିମାନଙ୍କର ହିଁ ନମାଜ୍‌କୁ ସ୍ୱୀକାର କରନ୍ତି । ଅତଏବ୍ ସେଇଥି ପାଇଁ ଏହା କୁହାଯାଇଛି ଯେ, ଅର୍ଥାତ୍ ହେ ଧର୍ମପରାୟଣ ବ୍ୟକ୍ତିମାନେ ! ତୁମେମାନେ ଏପରି ବ୍ୟକ୍ତିମାନଙ୍କ ପଛରେ ନମାଜ ପାଠ କର ନାହିଁ ଯେଉଁମାନେ ଈଶ୍ୱରଙ୍କ ସକାଶେ ଧର୍ମପରାୟଣତା ଅବଲମ୍ବନ କରନ୍ତି ନାହିଁ । କାରଣ ଯେଉଁ ବ୍ୟକ୍ତିର ନମାଜ ସ୍ୱୟଂ ସ୍ୱୀକୃତ ସ୍ତର ପର୍ଯ୍ୟନ୍ତ ପହଞ୍ଚି ପାରୁ ନାହିଁ ସେପରି ବ୍ୟକ୍ତି ପଛରେ ନମାଜ ପାଠ କରିବା ଅନୁଚିତ ଓ ବୃଥା ଅଟେ ।"

**ପ୍ରତିଶୃତ ମସିହ୍ ମଉଦ୍ ଅ.ସଙ୍କୁ ନ ମାନିବାର (ସ୍ୱୀକାର ନକରିବାର) ପରିଣାମ:**

ହୁଜୁର ଅ.ସ କହିଲେ, "ପ୍ରାଚୀନ କାଳରୁ ଇସ୍‌ଲାମ୍ ଧର୍ମର ଯେଉଁ ବରିଷ୍ଠ ବ୍ୟକ୍ତି ତଥା ବିଦ୍ୱାନ୍‌ମାନେ ରହିଛନ୍ତି, ସେମାନଙ୍କର ଏହି ଧର୍ମମତ ରହିଛି ଯେ, ଯେଉଁ ବ୍ୟକ୍ତି ସତ୍ୟକୁ ବିରୋଧ କରେ ତେବେ ସେହି ବ୍ୟକ୍ତିର ଧୀରେ ଧୀରେ ବିଶ୍ୱାସ ଛିନ୍ନ ହୋଇ ଯାଇଥାଏ । ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ବାର୍ତ୍ତାବହଙ୍କୁ ସ୍ୱୀକାର କରେ ନାହିଁ ସେହି ବ୍ୟକ୍ତି ଅବିଶ୍ୱାସକାରୀ ଅଟେ । କିନ୍ତୁ ଯେଉଁ ବ୍ୟକ୍ତି ପ୍ରତିଶୃତ ମସିହ୍ ଓ ଅଙ୍ଗୀକୃତ ମେହ୍‌ଦୀକୁ ସ୍ୱୀକାର କରେ ନାହିଁ ତେବେ ସେହି ବ୍ୟକ୍ତିର ବିଶ୍ୱାସ ମଧ୍ୟ ଛିନ୍ନ ହୋଇଯିବ । ଉଭୟର ପରିଣାମ ସମାନ ଅଟେ । ପ୍ରଥମେ ବିରୋଧ ହୋଇଥାଏ ପୁନଶ୍ଚ ତା' ପରେ ଅପରିଚିତତା, ଏହାପରେ ଶତ୍ରୁତା ପୁନଶ୍ଚ ବିଶ୍ୱାସଘାତକତା ଓ ପରିଶେଷରେ ବିଶ୍ୱାସ ଛିନ୍ନ ହୋଇ ଯାଇଥାଏ ।" **(ମଲ୍‌ଫୁଜାତ୍, ଭାଗ-2, ପୃ-96-97, ସଂସ୍କରଣ ବର୍ଷ-2018 ମସିହା, ସ୍ଥାନ-କାଦିୟାନ୍)** ☆☆☆

**ଯେଭଳି ଭାବରେ ଅଲ୍ଲାଃତାଲା ଜିନିଷଗୁଡ଼ିକୁ ଅବୈଧ ବୋଲି ବିବେଚନା କରିଛନ୍ତି ତାହାର କାରଣ ଏହିକି ଯେ, ସେହି ଜିନିଷ ତଥା ବସ୍ତୁଗୁଡ଼ିକର ଶାରୀରୀକ, ଚାରିତ୍ରିକ କିମ୍ବା ଆଧାତ୍ମିକ କ୍ଷତି (ଅପକାରିତା) ମଧ୍ୟ ରହିଛି । ସେହିପରି ଅଲ୍ଲାଃତାଲା ଏପରି ଜିନିଷଗୁଡ଼ିକୁ ସେବନ କରିବା ନିମନ୍ତେ ବୈଧ ବୋଲି ବିବେଚିତ କଲେ ଯାହା ମନୁଷ୍ୟର ଶାରୀରୀକ, ଚାରିତ୍ରିକ ଓ ଆଧାତ୍ମିକ ଉନ୍ନତିର କାରଣ ହେବ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ମୁମିନୁନ୍‌ର ଆୟତ୍ ସଂଖ୍ୟା 52 يَاأَيُّهَا الرُّسُلُ كُلُوا مِنَ الطَّيِّبَاتِ وَاعْمَلُوا صَالِحًا ۝ إِنِّي بِمَا تَعْمَلُونَ عَلِيمٌ **(ଅନୁବାଦ:** *ଏବଂ ଆମ୍ଭେ କହିଲୁ, ହେ ରସୁଲମାନେ! ବିଶୁଦ୍ଧ ସାମଗ୍ରୀଗୁଡ଼ିକ ମଧ୍ୟରୁ ଖାଅ ଓ ଉଚିତ୍ କର୍ମ କର ଏବଂ ତୁମେମାନେ ଯାହା କରୁଅଛ ଆମ୍ଭେ ତାହାକୁ ଜାଣୁ ।*)ର ବ୍ୟାଖ୍ୟା କରି କୁହନ୍ତି: "ଉପରୋକ୍ତ ଆୟତରୁ ଏହା ଧୋକା ନଲାଗୁ ଯେ, ଉକ୍ତ ଆୟତ୍‌ରେ କେବଳ ଅବତାରମାନଙ୍କୁ ସମ୍ବୋଧିତ କରାଯାଇଛି । କାରଣ ପବିତ୍ର କୁରଆନ୍ କରୀମ୍‌ର ଏହି ନିୟମ ରହିଛି ଯେ, ତହିଁରେ କେତେକ ସ୍ଥାନରେ ଅବତାରମାନଙ୍କୁ ସମ୍ବୋଧିତ କରାଯାଇଥାଏ, କିନ୍ତୁ ଯଥାର୍ଥ ହେଉଛନ୍ତି ଅବତାରମାନଙ୍କର ଅନୁଗାମୀମାନେ । ଯେପରିକି ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲା ଅବତାର୍‌ମାନଙ୍କୁ ସମ୍ବୋଧିତ କରି କୁହନ୍ତି:" إِمَّا يَبْلُغَنَّ عِنْدَكَ الْكِبَرَ أَحَدُهُمَا أَوْ كِلَاهُمَا فَلَا تَقُلْ لَهُمَا أُفٍّ وَلَا تَنْهَرْهُمَا وَقُلْ لَهُمَا قَوْلًا كَرِيمًا ۝ **(ବନି ଇସ୍ରାଇଲ୍: 3)** ଅର୍ଥାତ୍ ଯଦି ତୁମ ଜୀବିତାବସ୍ଥାରେ ସେମାନଙ୍କ ମଧ୍ୟରୁ (ଅର୍ଥାତ୍ ମାତା ପିତାଙ୍କ ମଧ୍ୟରୁ) ଜଣକର ବା ଉଭୟଙ୍କର ବାର୍ଦ୍ଧକ୍ୟ ଆସିଯାଏ ତେବେ ସେମାନଙ୍କ ପ୍ରତି କୌଣସି କଥାରେ ଅସନ୍ତୋଷ ପ୍ରକାଶ କରି କୌଣସି କଟୁ ମନ୍ତବ୍ୟ ପ୍ରକାଶ କର ନାହିଁ କି ସେମାନଙ୍କୁ ଭର୍ତ୍ସନା କର ନାହିଁ ଓ ସେମାନଙ୍କ ସହ ସର୍ବଦା କୋମଳ ବଚନରେ କାଥାବାର୍ତ୍ତା କର ।"

"ବର୍ତ୍ତମାନ ଏଠାରେ ପ୍ରକାଶ୍ୟ ରୂପେ ଅଲ୍ଲାଃତାଲା ଆଁହଜରତ ସ.ଅଙ୍କୁ ସମ୍ବୋଧିତ କରିଛନ୍ତି । କିନ୍ତୁ ଯଥାର୍ଥ ଆଁହଜରତ ସ.ଅଙ୍କ ଧର୍ମାବଲମ୍ବୀମାନେ ଅଟନ୍ତି । କାରଣ ଆପଣ ସ.ଅଙ୍କ ପିତା ତ' ଆପଣ ସ.ଅଙ୍କ ଜନ୍ମ ପୂର୍ବରୁ ଓ ଆପଣ ସ.ଅଙ୍କ ମାତାଶ୍ରୀ ଆପଣ ସ.ଅଙ୍କ ବଡ଼ ହେବା ପୂର୍ବରୁ ହିଁ ମୃତ୍ୟୁବରଣ କରିଥିଲେ । ଏହି ନିୟମାନୁଯାୟୀ ଏଠାରେ ଅବତାରମାନଙ୍କୁ ସମ୍ବୋଧିତ କରାଯାଇଛି । କିନ୍ତୁ ଯଥାର୍ଥ ସେହି ବାର୍ତ୍ତାବହମାନଙ୍କର ଅନୁଗାମୀମାନେ ଅଟନ୍ତି । ଅଲ୍ଲାଃତାଲା ସେମାନଙ୍କୁ ଆଦେଶ ଦେଇଛନ୍ତି ଯେ, ତୁମେମାନେ ବୈଧ ଓ ବିଶୁଦ୍ଧ ସାମଗ୍ରୀଗୁଡ଼ିକୁ ଖାଅ । କାରଣ ଏହା ଦ୍ୱାରା ତୁମମାନଙ୍କୁ ସତ୍‌କର୍ମ କରିବା ନିମନ୍ତେ ସାମର୍ଥ୍ୟତା ପ୍ରାପ୍ତ ହେବ ।"

ବାସ୍ତବତା ଏହିକି ଯେ, ମନୁଷ୍ୟ ଆହାର ତଥା ଖାଦ୍ୟ ପେୟ ତା'ର ଚରିତ୍ର ଉପରେ ଗଭୀର ଭାବରେ ପ୍ରଭାବ ପକାଇଥାଏ । ଖାଦ୍ୟ ପଦାର୍ଥରେ ଯେଭଳି କୌଣସି ପ୍ରଭାବ ଦେଖିବାକୁ ମିଳେ ଠିକ୍ ସେହିଭଳି ଶରୀରୀକ କିମ୍ବା ଚରିତ୍ରିକ ପରିବର୍ତ୍ତନ ମଧ୍ୟ ଦେଖାଯିବା ଆରମ୍ଭ ହୋଇଯାଇଥାଏ । ଯେହେତୁ ସଂସାରରେ ମନୁଷ୍ୟମାନଙ୍କୁ ନିଜର ସମସ୍ତ ସ୍ୱଭାବିକ ଆବେଗକୁ (ଇନ୍ଦ୍ରିୟାବସ୍ଥାକୁ) ଶୃଙ୍ଖଳିତ ତଥା ମାର୍ଜିତ କରିବାକୁ ଓ ଉନ୍ନତି କରିବାର ଆବଶ୍ୟକତା ପଡ଼ିଥାଏ । କାରଣ ସେ (ମନୁଷ୍ୟ) ସେହି ଇନ୍ଦ୍ରିୟମାନଙ୍କୁ ସଠିକ୍ ସ୍ଥଳେ ବିନିଯୋଗ କରି ଅଲ୍ଲାଃତାଲାଙ୍କ ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତା ପ୍ରାପ୍ତ କରିବାକୁ ସକ୍ଷମ ହେଉ । ସେଇଥି ପାଇଁ ପବିତ୍ର କୁରଆନ୍ କରୀମ୍ ସେହି ଅବୈଧ ଆହାର, ସେହି ଅପମିଶ୍ରିତ ସାମଗ୍ରୀଗୁଡ଼ିକୁ ବ୍ୟବହାର ନକରିବା ପାଇଁ କହିଛି । ସେହି ଅବୈଧ ଆହାର ଓ ଅପମିଶ୍ରିତ ସାମଗ୍ରୀଗୁଡ଼ିକର ଅବଶ୍ୟ ଶାରୀରୀକ, ଚାରିତ୍ରିକ ଓ ଆଧାତ୍ମିକ କ୍ଷତି ନିଶ୍ଚିତ ପରିପ୍ରକାଶିତ ହେବ। ଉଦାହରଣ ସ୍ୱରୂପ ଅଲ୍ଲାଃତାଲା ଯେପରି ମୃତ ଜୀବ, ରକ୍ତ ଏବଂ ଘୁଷୁରିର ମାଂସକୁ ଅବୈଧ ତଥ ବର୍ଜନୀୟ ବୋଲି ବିବେଚିତ କରିଛନ୍ତି । ଠିକ୍ ସେହିପରି ଯେଉଁ ବସ୍ତୁ ବା ସମାଗ୍ରୀ ଉପରେ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ ଈଶ୍ୱରଙ୍କର ନାମୋଚ୍ଚାରଣ କରାଯାଇଛି ତାହାକୁ ଅବୈଧ ଓ ନିଷିଦ୍ଧ ବୋଲି ବିବେଚେିତ ମଧ୍ୟ କରିଛନ୍ତି। ଅର୍ଥାତ୍ ଯେଉଁ ବସ୍ତୁ (ଜୀବର ମାଂସ କିମ୍ବା ସମାଗ୍ରୀ) ଉପରେ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କୌଣସି ଈଶ୍ୱର କିମ୍ବା ଦେବାଦେବୀମାନଙ୍କର ନାମୋଚ୍ଚାରଣ କରାଯାଇଛି, ତେବେ ସେହି ବସ୍ତୁକୁ ଅଲ୍ଲାଃତାଲା ଅବୈଧ ଏବଂ ନିଷିଦ୍ଧ ବୋଲି ବିବେଚିତ କରିଛନ୍ତି । ବର୍ତ୍ତମାନ ଏହା ପ୍ରକାଶ୍ୟ ଯେ, ସେହିସବୁ ବସ୍ତୁମାନଙ୍କ ମଧ୍ୟରୁ ଏପରି କୌଣସି ବସ୍ତୁ ବା ସାମଗ୍ରୀ ନାହିଁ ଯାହା ମଧ୍ୟରେ କୌଣସି ଅପକାରିତା (Demerits, କ୍ଷତି, ହାନୀ)ନଥିବ । ମୃତ ଜୀବକୁ ନେଇ ନିଅ । ଯଦି କୌଣସି ଜୀବ ମୃତ୍ୟୁବରଣ କରେ (ମରିଯାଏ) ତେବେ ସେହି ଜୀବ ସଂକ୍ରାନ୍ତରେ ଏହା ହିଁ କୁହାଯାଇପାରିବ ଯେ, ହୁଏ ତ' ସେହି ଜୀବ ସଂପୂର୍ଣ୍ଣ ରୂପେ ବୃଦ୍ଧ ହୋଇ ମୃତ୍ୟୁବରଣ କରିଥିବ କିମ୍ବା କୌଣସି ବିଷାକ୍ତ ଜୀବର ଦଂଶନ (ଚୋଟ) ଯୋଗୁଁ **(ଅବିଶିଷ୍ଟାଂଶ.....ପୃ-10ରେ)**

**ଖବରକାଗଜ ସାପ୍ତାହିକ ବଦର୍ ନିଜେ ପଢନ୍ତୁ ଓ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଉତ୍ସାହିତ କରନ୍ତୁ ଓ ସେମାନଙ୍କୁ ଅନୁପ୍ରାଣିତ ମଧ୍ୟ କରନ୍ତୁ ।**

ସୟେଦିନା ହଜରତ ଖଲିଫତୁଲ ମସିହିଲ୍ ଖାମିସ୍ ଅୟେଦହୁଲ୍ଲାଃ ବଦରର୍ ବେଶେଷ ସଂଖ୍ୟା 2014 ମସିହା ଡିସେମ୍ବର ମାସ ପାଇଁ ନିଜର ସନ୍ଦେଶ ପ୍ରେରଣ କରି କହିଲେ: "ବଦର୍‌ର ସମ୍ପାଦକମଣ୍ଡଳୀମାନଙ୍କୁ ଓ ପାଠକବୃନ୍ଦମାନଙ୍କୁ ଉକ୍ତ କଥା ସର୍ବଦା ମନେରଖିବା ଉଚିତ୍ ଯେ, ଏହି ଖବରକାଗଜ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଆଧାତ୍ମିକ ସଂଶୋଧନ ଏବଂ ଉନ୍ନତି ସକାଶେ ଜାରି କରାଯାଇଥିଲା ଏବଂ ଆମମାନଙ୍କର ଗୁରୁଜନମାନେ ପ୍ରତିକୁଳ ପରିସ୍ଥିତି ସତ୍ତ୍ୱେ ପୂର୍ଣ୍ଣ ସାହସିକତାର ସହିତ ଉକ୍ତ ଖବରକାଗଜକୁ ସର୍ବଦା ଜାରି ରଖିବା ନିମନ୍ତେ ଉଦ୍ୟମ କରିଥିଲେ । ସେହି ଗୁରୁଜନ ଅର୍ଥାତ୍ ପୂର୍ବପୁରୁଷମାନଙ୍କର ଦୁଆ, ପବିତ୍ର ଉଦ୍ୟମଜନିତ କଲ୍ୟାଣ ବଳରେ ଆଜି ପର୍ଯ୍ୟନ୍ତ ଉକ୍ତ ଖବରକାଗଜ ଅବ୍ୟାହତ (ଜାରି) ରହିଛି । ଉକ୍ତ କଥା ସେହି ପ୍ରସଙ୍ଗକୁ ଆଶା କରେ କି ଅଧିକରୁ ଅଧିକ ଅହମଦିମାନେ ଉକ୍ତ ଖବରକାଗଜକୁ ପାଠ କରନ୍ତୁ ଓ ତହିଁରୁ ଉପକୃତ ହୁଅନ୍ତୁ । ଅଲ୍ଲାଃତାଲାଙ୍କ କୃପାରୁ ଭାରତ ଓ ପାକିସ୍ତାନର ଅହମଦିମାନଙ୍କୁ ବିଶେଷ କରି ଅନ୍ୟ ଦେଶରେ ବାସ କରୁଥିବା ଅହମଦିମାନଙ୍କୁ ଉକ୍ତ ଖବରକାଗଜ ଅଧ୍ୟୟନ କରିବା ପ୍ରତି ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିପରି ଉକ୍ତ ଖବରକାଗଜ ସହିତ ଯେଉଁ କଲ୍ୟାଣ ସଂଶ୍ଳିଷ୍ଟ ଓ ନିହିତ ରହିଛି ତାହାକୁ ସାଉଁଟିବା ନିମନ୍ତେ ଅଲ୍ଲାଃତାଲା ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।"

ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଉକ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଅଧାତ୍ମ ଚକ୍ଷୁ ବର୍ଦ୍ଧକ ଉପଦେଶାବଳୀକୁ ଦୃଷ୍ଟି ସମ୍ମୁଖରେ ରଖି ଜମାଅତ୍ ଅହମଦିୟାର ସଦସ୍ୟବୃନ୍ଦଙ୍କ ସେବାରେ ଅନୁରୋଧ କରାଯାଉଅଛି ଯେ, ଜମାଅତର ପ୍ରତ୍ୟେକଟି ଘରମାନଙ୍କରେ ସାପ୍ତାହିକ ଖବରକାଗଜ ବଦର୍‌ର ଅଧ୍ୟୟନକୁ ସୁନିଶ୍ଚିତ କରାଯିବା ନିହାତି ଜରୁରୀ ଅଟେ । ବଦର୍‌ରେ ପବିତ୍ର କୁରଆନ୍, ହଦିସ୍ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ନୀତିବାଣୀ ବ୍ୟତୀତ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମା, ଉଦ୍‌ବୋଧନୀ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଭିନ୍ନ ଦେଶର ଗସ୍ତ ସଂପର୍କିତ ଅତ୍ୟନ୍ତ ରୋଚକ ଓ ବିଶ୍ୱାସବର୍ଦ୍ଧକ ରିପୋର୍ଟସ୍ ନିୟମିତ ରୂପେ ପ୍ରକାଶିତ ହୋଇଥାଏ । ତେଣୁ ଏସବୁକୁ ଅଧ୍ୟୟନ ଏବଂ ପାଠ କରିବା ପ୍ରତ୍ୟେକ ଅହମଦି ପକ୍ଷେ ନିତାନ୍ତ ଜରୁରୀ ଅଟେ । ଅଲ୍ଲାଃତାଲାଙ୍କ କୃପାରୁ ସୟେଦିନା ହୁଜୁର ଅନ୍‌ୱର୍[ଅ.ବ]ଙ୍କ ଦୟା ବଳରେ ବର୍ତ୍ତମାନ ଉକ୍ତ ଖବରକାଗଜ ଉର୍ଦ୍ଦୁ ଭାଷା ବ୍ୟତୀତ ନାନା ପ୍ରାଦେଶିକ ଭାଷା ଯଥା-ହିନ୍ଦୀ, ବଂଗଳା, ତାମିଲ୍ ତେଲୁଗୁ, ମାଲିୟାଲମ୍, ଓଡ଼ିଆ ଓ କନ୍ନଡ୍ ଇତ୍ୟାଦି ଭାଷାରେ ମଧ୍ୟ ପ୍ରକାଶିତ ହେଉଅଛି । ଅତଏବ୍ ଯେଉଁ ଅହମଦି ବନ୍ଧୁମାନେ ଏପର୍ଯ୍ୟନ୍ତ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନାହାନ୍ତି, ସେମାନଙ୍କୁ ସବିନୟ ଅନୁରୋଧ କରାଯାଉଅଛି ଯେ ସେମାନେ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନିଜେ ପଢନ୍ତୁ ଏବଂ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଆଗ୍ରହ ସୃଷ୍ଟି କରି ସେମାନଙ୍କୁ ଉତ୍ସାହିତ ଓ ଅନୁପ୍ରାଣିତ କରନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ପ୍ରକୃତ ଆତ୍ମାର ସହିତ ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଅ.ବଙ୍କ ଆଦେଶାବଳୀ ଉପରେ ସଂପୂର୍ଣ୍ଣ ରୂପେ କାର୍ଯ୍ୟାନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ଖବରକାଗଜ ବଦର୍ ଯଥା ସମୟରେ ନପହଞ୍ଚିବା, ଚାନ୍ଦା ପୈଠ କରିବା ,ଅନ୍ୟ ଯେକୌଣସି ସମସ୍ୟା, ସୂଚନା ଓ ତଥ୍ୟ ପ୍ରାପ୍ତ କରିବା ନିମନ୍ତେ ସାପ୍ତାହିକ ବଦର୍‌ର ମ୍ୟାନେଜର୍ ସାହେବଙ୍କ ସହିତ ଯୋଗାଯୋଗ କରନ୍ତୁ । **ଯଜାକୁମୁଲ୍ଲାଃ । (ସମ୍ପାଦକ)**

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ୱ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

(ଖୁତ୍‌ବା ଜୁମା)

ଆଁହଜରତ ସ.ଅ ବନୁ ହୱାଜିନ୍ ସଂପ୍ରଦାୟର ଆକୁଳ ନିବେଦନକୁ (ଗୁହାରିକୁ) ଶୁଣିଲେ ଏବଂ ସେମାନଙ୍କର ନିବେଦନକୁ ପ୍ରତ୍ୟାଖ୍ୟାନ କଲେ ନାହିଁ । ବରଂ କହିଲେ, ମୁଁ ତ' ତୁମମାନଙ୍କର ଅନେକ ଦିନ ପର୍ଯ୍ୟନ୍ତ ଅପେକ୍ଷା କଲି । ଏପର୍ଯ୍ୟନ୍ତକି ମୋର ଏହି ବିଶ୍ୱାସ ଦୃଢୀଭୂତ ହୋଇଗଲା ଯେ, ବର୍ତ୍ତମାନ ତୁମେମାନେ ଆଉ ଆସିବ ନାହିଁ ଏବଂ ତୁମେମାନେ ବର୍ତ୍ତମାନ ଦେଖୁଛ ତ' କଏଦୀମାନଙ୍କ ମଧ୍ୟରୁ ମୋ ପାଖରେ ଖୁବ ସ୍ୱଳ୍ପ ସଂଖ୍ୟକ କଏଦୀ ରହିଯାଇଛନ୍ତି। ଅନ୍ୟସମସ୍ତ କଏଦୀମାନେ ବଣ୍ଟା ହୋଇ ସାରିଛନ୍ତି । ମୋ ନିକଟରେ ସର୍ବାଧିକ ପ୍ରିୟ ପ୍ରସଙ୍ଗ ତାହା ହିଁ ଯେଉଁ ପ୍ରସଙ୍ଗ ସର୍ବାଧିକ ସତ୍ୟ ହୋଇଥିବ । ଅତଏବ୍ ବର୍ତ୍ତମାନ ତୁମେ ଦୁଇଟି ବିକଳ୍ପ ମଧ୍ୟରୁ ଗୋଟିଏ ବିକଳ୍ପ ଚୟନ କରିପାର । ଅର୍ଥାତ୍ ତୁମକୁ କଏଦୀ ମହିଳା ତଥା ପୁରୁଷ ଦରକାର ନା ଧନ ଏବଂ ସାଧନ ଦରକାର ?

— — — — — — — — — — — — — — — — — — — — — —

ରସୁଲୁଲ୍ଲାଃ ସ.ଅ ଜିରାନା ନାମକ ସ୍ଥାନରେ ଥିଲେ କି ଏକଦା ରାତ୍ର ସମୟରେ ଆପଣ ସ.ଅ ଉମ୍ରାହ୍ ଉଦ୍ଦେଶ୍ୟରେ ମକ୍କା ପର୍ଯ୍ୟନ୍ତ ଯାତ୍ରା କଲେ ଏବଂ ବର୍ଣ୍ଣନାନୁଯାୟୀ ଆପଣ ସ.ଅ ରାତ୍ର ସମୟରେ ମକ୍କା ଗମନ କରିଥିଲେ ଏବଂ ସେହି ରାତ୍ରରେ ହିଁ ଆପଣ ସ.ଅ ମକ୍କାରୁ ଫେରି ଆସିଲେ ।

— — — — — — — — — — — — — — — — — — — — — —

ମାଲିକ୍ ବିନ୍ ଔଫ୍ ସମଗ୍ର ସଂପ୍ରଦାୟ ଯଥା ହୱାଜିନ୍ ସଂପ୍ରଦାୟ, ସକିଫ୍ ସଂପ୍ରଦାୟ ଏବଂ ଅନ୍ୟାନ୍ୟ ସଂପ୍ରଦାମାନଙ୍କୁ ଏକତ୍ରିତ କରି ଘିନି ଆଣିଥିଲା । କାରଣ ସେ ମୁସଲମାନମାନଙ୍କର ଧ୍ୱଂସ ସାଧନ କରିଦେଉ । ମାଲିକ୍ ବିନ୍ ଔଫ୍ ଆଁହଜରତ୍ ସ.ଅଙ୍କର ରକ୍ତ ପିପାସୁ ଥିଲା । କିନ୍ତୁ ଆପଣ ସ.ଅଙ୍କ ଆଦର୍ଶ ତଥା ଆପଣ ସ.ଅଙ୍କ ଅସୀମ ଦୟା ଓ କ୍ଷମାର ଅପୂର୍ବ ଉଦାହରଣ ଏହିପରି ଯେ, ଆପଣ ସ.ଅ ମାଲିକ୍ ବିନ୍ ଔଫ୍ର ମାର୍ଗଦର୍ଶନ ଓ ସତ୍‌ମାର୍ଗର ପିପାସୁ ଥିଲେ (ଯେ, ମାଲିକ୍ ବିନ୍ ଔଫକୁ ସତ୍‌ମାର୍ଗ ପ୍ରାପ୍ତ ହୋଇଯାଉ) । ଯେତେବେଳେ ସେ ଅର୍ଥାତ୍ ମାଲିକ୍ ବିନ୍ ଔଫ୍ ସତ୍‌ମାର୍ଗର ଅଭିଳାଷୀ ହୋଇ ଆସିଲା ସେତେବେଳେ ଆପଣ ସ.ଅ ତା'କୁ କେବଳ କ୍ଷମା କରିଦେଲେ ନାହିଁ ବରଂ ସେତେବେଳେ ନ୍ୟୁନାଧିକ ସମ୍ପତ୍ତି ଦୃଷ୍ଟିରୁ ଆପଣ ସ.ଅ ମାଲିକ୍ ବିନ୍ ଔଫ୍‌କୁ 100ଟି ଓଟ ମଧ୍ୟ ପ୍ରଦାନ କଲେ ।

ଆଁହଜରତ ସ.ଅ ନିଜର ସଂପର୍କୀୟ ଭଉଣୀଙ୍କୁ କହିଲେ, ଭଉଣୀ ! ତୁମେ ଯଦି ଉଚିତ୍ ବୋଲି ମନେକରୁଛି ତେବେ ତୁମେ ମୋ ପାଖରେ ରହିଯାଅ । ତୁମକୁ ସମ୍ମାନ ଏବଂ ମର୍ଯ୍ୟାଦା ଓ ପ୍ରେମ ପ୍ରାପ୍ତ ହେବ । ଆଉ ଯଦି ତୁମେ ନିଜ ସଂପ୍ରଦାୟ ପାଖକୁ ଫେରିଯିବାକୁ ଚାହୁଁଛ ତେବେ ମୁଁ ଉଦର ସଂପର୍କୀୟ ମନେକରି ତୁମ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରିବି ଯେ, ତୁମେ ସେହି ସଂପ୍ରଦାୟକୁ ଚାଲିଯାଅ ।

— — — — — — — — — — — — — — — — — — — — — —

ହୁନୈନ୍ ଯୁଦ୍ଧରେ ସମ୍ମୁଖୀନ ହୋଇଥିବା ପରିସ୍ଥିତି ଏବଂ ଘଟଣାବଳୀର ପୃଷ୍ଠଭୂମିରେ ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

— — — — — — — — — — — — — — — — — — — — — —

କାନାଡ଼ାର ଶ୍ରୀଯୁକ୍ତ ଡାକ୍ତର ଲଇକ୍ ଅହମଦ୍ ଫର୍ଖ୍ ସାହେବ ଏବଂ ଭାରତର ହାଇଦ୍ରାବାଦ୍ ରାଜ୍ୟ ଅନ୍ତର୍ଗତ ଶ୍ରୀଯୁକ୍ତ ହମିଦ୍ ଅହମଦ ଗୌରୀ ସାହେବଙ୍କ ବିୟୋଗ, ଉଭୟ ମୃତକମାନଙ୍କର ଉତ୍ତମ ଚର୍ଚ୍ଚା ଓ ନମାଜ୍ ଯନାଜାଃ ଗାଏବ୍ ପାଠ ।

— — — — — — — — — — — — — — — — — — — — — —

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମୁଁ ମଧ୍ୟ ଶ୍ରୀଯୁକ୍ତ ଡାକ୍ତର ଲଇକ୍ ଅହମଦ୍ ଫର୍ଖ୍ ସାହେବଙ୍କ ସହିତ ଘାନା ଠାରେ ଅବସ୍ଥାନ କରିଥିଲି । ମୁଁ ତାଙ୍କ ସହିତ ସମୟ ଅତିବାହିତ କରିଛି ଏବଂ ମୁଁ ତାଙ୍କୁ ଦେଖିଛି ଯେ, ଆପଣ ଅତ୍ୟନ୍ତ ଶିଷ୍ଟ, ସଭ୍ୟ, ବିନୀତ ଏବଂ ସେବାକାରୀ ବ୍ୟକ୍ତି ଥିଲେ । ୱାକ୍‌ଫିନ୍ (ଉତ୍ସର୍ଗୀକୃତ ଜୀବନ) ମାନଙ୍କୁ ଆପଣ ବହୁତ ସମ୍ମାନ୍ ପ୍ରଦର୍ଶନ କରୁଥିଲେ । ଅତିଥି ସତ୍କାରକର ଗୁଣ ସ୍ୱର୍ଗତଙ୍କ ମଧ୍ୟରେ ଠୁଳ ହୋଇ ରହିଥିଲା । କେବଳ ସେତିକି ନୁହେଁ ବରଂ ଉଭୟ ସ୍ୱାମୀ ସ୍ତ୍ରୀ ଅତିଥି ସତ୍କରାକ ଅଟନ୍ତି । ଆପଣଙ୍କର ଏପରି ଅନେକ ବିଶେଷତା ରହିଥିଲା ଯେଉଁ ବିଶେଷତା ତଥା ସୁଗୁଣାବଳୀ ଖୁବ୍ କ୍ୱୋଚିତ୍ ବ୍ୟକ୍ତିଙ୍କ ମଧ୍ୟରେ ଦେଖିବାକୁ ମିଳେ ।

03 October 2025 ମସିହା ଅନୁଯାୟୀ ୦୩ ଇଖା ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଗତ ଖୁତ୍‌ବାରେ ହୁନୈନ୍ ଯୁଦ୍ଧ ପରେ ପ୍ରାପ୍ତ ମାଲେ ଗନିମତ୍ ଏବଂ ମାଲେ ଗନିମତ୍ ବଣ୍ଟନ ସଂପର୍କରେ ଚର୍ଚ୍ଚା ଚାଲିଥିଲା । ସେହି କ୍ରମରେ ଏହାର ଅତିରିକ୍ତ ବିବରଣୀ ଏହିପରି ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅ ହୁନୈନ୍ ଯୁଦ୍ଧ ଜୟ କରିବା ପରେ ସମସ୍ତ ମାଲେ ଗନିମତ୍ ଜିରାନା ନାମକ ସ୍ଥାନରେ ଏକତ୍ରିତ କରିବା ନିମନ୍ତେ ଆଦେଶ ଦେଲେ ଏବଂ ଏହି ଆଦେଶ ଦେଇ ଆପଣ ସ.ଅ ତାଏଫ୍ ଅଭିମୁଖେ ବାହାରିଲେ । ଆପଣ ସ.ଅ ନ୍ୟୁନାଧିକ ଗୋଟିଏ ମାସ ତାଏଫ୍ ଠାରେ ରହିବା ପରେ ତାଏଫରୁ ପ୍ରତ୍ୟାବର୍ତ୍ତନ (ଫେରିବା) ପରେ ଜିରାନାକୁ ଆସିଲେ ଏବଂ ଏଠାରେ ପହଞ୍ଚି ମଧ୍ୟ ଆପଣ ସ.ଅ କେବଳ ମାଲେ ଗନିମତ୍ ବାଣ୍ଟିଲେ ନାହିଁ । ବରଂ କିଛି ଦିନ ଅପେକ୍ଷା ମଧ୍ୟ କଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, କେତେକଙ୍କ ମତରେ ଆପଣ ସ.ଅ 13 କିମ୍ବା 14 ଦିନ ପର୍ଯ୍ୟନ୍ତ ଅପେକ୍ଷା କଲେ । କାରଣ ସମ୍ଭବତଃ ହୱାଜିନ୍ ସଂପ୍ରଦାୟ କ୍ଷମାଯାଚନା କରି ଫେରି ଆସିବ ଏବଂ ସେମାନଙ୍କର ପରିବାରବର୍ଗ ତଥା ସେମାନଙ୍କର ପାଳିତ ଜୀବମାନଙ୍କୁ ଫେରସ୍ତ କରି ଦିଆଯିବ । ଏପଟେ ନବୀ କରୀମ୍ ସ.ଅ ସେମାନଙ୍କୁ ଅପେକ୍ଷା କରୁଥିଲେ ସେପଟେ ବନୁ ହୱାଜିନ୍ ସଂପ୍ରଦାୟ ଏହି ଦ୍ୱନ୍ଦ୍ୱରେ ରହିଲା ଯେ, ଆମମାନଙ୍କର ଯିବା କୌଣସି ଲାଭଦାୟକ ହେବ ଅବା ନୁହେଁ ? ଆଁହଜରତ ସ.ଅ ଯେତେବେଳେ ଦେଖିଲେ ସେମାନେ ଆସୁ ନାହାନ୍ତି ତେବେ ପରିଶେଷରେ ଦୀର୍ଘ ଦିନ ପର୍ଯ୍ୟନ୍ତ ଅପେକ୍ଷ କରିବା ପରେ ଆପଣ ସ.ଅ ମାଲେ ଗନିମତ୍ ଏବଂ ବନ୍ଦୀମାନଙ୍କୁ ବାଣ୍ଟିଦେଲେ । ସୁତରାଂ ଯେତେବେଳେ ମାଲେ ଗନିମତ୍ ଏବଂ ବନ୍ଦୀମାନେ ବଣ୍ଟା ହୋଇ ସାରିଲେ ସେତେବେଳେ ବନୁ ହୱାଜିନ୍ ସଂପ୍ରଦାୟର 14 ଜଣ ସମ୍ମାନସ୍ପଦ ବ୍ୟକ୍ତି ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ । ଏହି ସମ୍ମାନସ୍ପଦ ବ୍ୟକ୍ତିମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ସାରିଥିଲେ ଏବଂ ସେମାନେ ଆଁହଜରତ ସ.ଅଙ୍କୁ ଏହା କହିଲେ, ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମମାନଙ୍କର ସମସ୍ତ ସଂପ୍ରଦାୟ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ସାରିଛି । ପୁନଶ୍ଚ ସେମାନେ ଆଁହଜରତ ସ.ଅଙ୍କ ଠାରୁ ଦୟା ଭିକ୍ଷା କରି କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ପ୍ରତିଷ୍ଠିତ ବଂଶର ଲୋକ ଅଟୁ ଏବଂ ସମ୍ମାନିତ ବର୍ଗ ଅଟୁ । ଆମେମାନେ ଯେଉଁ ବିପତ୍ତି ତଥା ସମସ୍ୟା ଦେଇ ଗତି କରୁଛେ ତାହା ଆପଣ ସ.ଅଙ୍କ ଠାରୁ ଅଛପା ନାହିଁ । ଆପଣ ସ.ଅ ଆମମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ଅଲ୍ଲାଃତାଲା ଆପଣ ସ.ଅଙ୍କ ଉପରେ ଦୟାବତୀର୍ଣ୍ଣ କରିବେ । ଉକ୍ତ ପ୍ରତିନିଧିର ଅଧିପତି ଅବୁ ସୁରଦ୍ ଜୁହୈର୍ ବିନ୍ ବିନ୍ ଜର୍ୱଲ୍ ଥିଲା । ସେ ଜଣେ ବାଗ୍ମୀ ଉଦ୍‌ବୋଧକ ଏବଂ ଜଣେ କବି ଥିଲା । ସେ ଅତ୍ୟନ୍ତ ହୃଦୟ ଆସକ୍ତିତ ତଥା ହୃଦୟ ଉପରେ ପ୍ରଭାବ ପକାଇଲା ଭଳି ଶୈଳୀରେ ଆଁହଜରତ ସ.ଅଙ୍କ ସମ୍ମୁଖରେ ଦୟା ଭିକ୍ଷା କଲା ଏବଂ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଗିରଫ ହୋଇଥିବା ସେହି କଏଦୀମାନଙ୍କ ମଧ୍ୟରେ ଆପଣ ସ.ଅଙ୍କ ଫୁପୁ (ପିଉସୀ), ଆପଣ ସ.ଅଙ୍କ ଖାଲାମାନେ ଓ ଆପଣ ସ.ଅଙ୍କ ଭଉଣୀମାନେ ମଧ୍ୟ ରହିଛନ୍ତି । ଏମାନେ ଆପଣ ସ.ଅଙ୍କର ବାଲ୍ୟ କାଳରେ ଲାଳନ ପାଳନ କରିଥିଲେ ଓ ଆପଣ ସ.ଅଙ୍କୁ ଆହାର ଖୁଆଉଥିଲେ । ସେ ଏହିପରି

କହିଲା । କାରଣ ଆଁହଜରତ ସ.ଅ ବନୁ ସାଆଦ୍ ସଂପ୍ରଦାୟରେ ନିଜର ବାଲ୍ୟ କାଳ ଅତିବାହିତ କରିଥିଲେ, ସେଠାରେ ଆପଣ ସ.ଅ ଲାଳିତ ପାଳିତ ହୋଇଥିଲେ । ତେଣୁ ରିଜାଇ (ଆପଣ ସ.ଅଙ୍କୁ କ୍ଷୀର ପାନ କରାଇଥିବା) ଅଭିଭାବକମାନଙ୍କର ସଂପର୍କ ବନୁ ସାଆଦ୍ ସଂପ୍ରଦାୟ ସହିତ ଥିଲା । ଉକ୍ତ ସଂପ୍ରଦାୟ ବନୁ ହୱାଜିନ୍ ସଂପ୍ରଦାୟର ଏକ ଶାଖା ଥିଲା । ପୁନଶ୍ଚ ସେ କହିଲା, "ଆମେମାନେ କ୍ଷୀର ପାନ କରାଇବାର ଉପକାର ଯଦି ଗସ୍ସାନୀୟ ସମ୍ରାଟ୍ ହାରିସ୍ ବିନ୍ ଅବି ଶିମ୍ର କିମ୍ବା ଇରାକ୍‌ର ସମ୍ରାଟ୍ ନୁମାନ୍ ବିନ୍ ମୁନ୍‌ଜର୍‌ଙ୍କ ଉପରେ କରି ଥାଆନ୍ତୁ ଏବଂ ଆମମାନରଙ୍କ ଉପରେ ଯଦି କୌଣସି ବିପତ୍ତି ଆସିଥାଆନ୍ତା ତେବେ ସେମାନେ ଆମମାନଙ୍କ ଉପରେ ଅବଶ୍ୟ ଦୟା କରିଥାଆନ୍ତେ । କିନ୍ତୁ ଆପଣ ସ.ଅ ତ' ସେମାନଙ୍କ ଅପେକ୍ଷା ସର୍ବାଧିକ ଦୟା ପ୍ରଦର୍ଶନକାରୀ, ବଦାନ୍ୟ, ପରୋପକାରୀର ଅଧିକାରୀ ଅଟନ୍ତି । ଏହାପରେ ସେ ଆପଣ ସ.ଅଙ୍କ ପ୍ରଶଂସା ଏବଂ ଆପଣ ସ.ଅଙ୍କ ସ୍ତୁତିରେ ଏକ କସିଦା ମଧ୍ୟ କହିଲା ।

ହୁଜୁର ଅନୱର୍ ଅ.ବ କହିଲେ, ସେହି ପ୍ରତିନିଧିମଣ୍ଡଳରେ ଆପଣ ସ.ଅଙ୍କ ପିତାଙ୍କ ଭାଇ ଅର୍ଥାତ୍ ଚଚା ମଧ୍ୟ ଥିଲେ। ସେ ମଧ୍ୟ ଏହିପରି ମିଳିତ ପ୍ରତିକ୍ରିୟା ସମ୍ବଳିତ ଭାଷଣ ଦେଲେ ଏବଂ ଏହା ମଧ୍ୟ କହିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଯେତେବେଳେ ବାଲ୍ୟକାଳରେ ଆମମାନଙ୍କ ପାଖରେ ଥିଲେ ସେତେବେଳେ ମଧ୍ୟ ମୁଁ ଆପଣ ସ.ଅଙ୍କୁ ଦେଖିଥିଲି । ଆପଣ ସ.ଅ ବହୁତ ଭଲ ପିଲା ଥିଲେ । ପୁନଶ୍ଚ କିଶୋର ଏବଂ ତରୁଣାବସ୍ଥାରେ ମଧ୍ୟ ମୋତେ ଆପଣ ସ.ଅଙ୍କୁ ଦେଖିବାର ସୌଭାଗ୍ୟ ଅର୍ଜନ ହୋଇଛି । ଯୁବାବସ୍ଥାରେ ମଧ୍ୟ କୌଣସି ବ୍ୟକ୍ତି ଆପଣ ସ.ଅଙ୍କ ଅପେକ୍ଷା ପୁଣ୍ୟ ସ୍ୱଭାବ ଓ ଶିଷ୍ଟ ନଥିଲା । ଆପଣ ସ.ଅ ତ' ପୁଣ୍ୟ ଏବଂ ଦୟାର ସାକ୍ଷାତ୍ ପ୍ରତିମୂର୍ତ୍ତି ଅଟନ୍ତି ଏବଂ ଆପଣ ସ.ଅ ପରୋପକାରୀ ଓ ଦୟାର ଅସୀମ ସାଗର ଅଟନ୍ତି। ଆମେମାନେ ଆପଣ ସ.ଅଙ୍କ ନିଜର ଓ ଆପଣ ସ.ଅଙ୍କର ବଂଶର ଲୋକ ଅଟୁ । ତେଣୁ ଆପଣ ସ.ଅ ଆମ ଉପରେ ଦୟା କରି ଆମ ଉପରେ ଉପକାର କରନ୍ତୁ । ଅଲ୍ଲାଃତାଲା ଆପଣ ସ.ଅଙ୍କୁ ଏହି ଉପକାରର ପ୍ରତିଫଳ ଅବଶ୍ୟ ପ୍ରଦାନ କରିବେ ।"

ଆଁହଜରତ୍ ସ.ଅ ସେମାନଙ୍କର ଆକୁଳ ନିବେଦନକୁ ଶୁଣିଲେ ଏବଂ ସେମାନଙ୍କର ନିବେଦନକୁ ପ୍ରତ୍ୟାଖ୍ୟାନ (ଅସ୍ୱୀକାର) କଲେ ନାହିଁ । ବରଂ ଆପଣ ସ.ଅ କହିଲେ, "ମୁଁ ତ' ଏଠାରେ ଅନେକ ଦିନ ପର୍ଯ୍ୟନ୍ତ ତୁମମାନଙ୍କର ଅପେକ୍ଷା କଲି । ଏପର୍ଯ୍ୟନ୍ତ କି ମୋର ଏହି ବିଶ୍ୱାସ ଦୃଢୀଭୂତ ହୋଇଗଲା ଯେ, ତୁମେମାନେ ଆଉ ଆସିବ ନାହିଁ। ବର୍ତ୍ତମାନେ ତୁମେମାନେ ଏହା ଦେଖୁଛ ଯେ, ମୋ ପାଖରେ ଖୁବ୍ ସ୍ୱଳ୍ପ ସଂଖ୍ୟକ କଏଦୀମାନେ ରହିଯାଇଛନ୍ତି । ଅନ୍ୟ ସମସ୍ତ କଏଦୀମାନେ ବଣ୍ଟା ହୋଇ ସାରିଛନ୍ତି। ମୋ ନିକଟରେ ସବୁଠୁ ପ୍ରିୟ କଥା ହେଲା ସତ୍ୟ । ତେଣୁ ମୋତେ ସତ୍ୟ ସର୍ବାଧିକ ପ୍ରିୟ ବସ୍ତୁ ଲାଗେ । ତେଣୁ ବର୍ତ୍ତମାନ ତୁମେମାନେ ଦୁଇଟି ଜିନିଷ ମଧ୍ୟରୁ ଗୋଟିଏ ଜିନିଷ ଚୟନ କର । ତୁମେମାନେ କଏଦୀ ମହିଳା ଏବଂ ପୁରୁଷକୁ ଚୟନ କରିପାରେ କିମ୍ବା ଧନ ଏବଂ ସାଧନକୁ ଚୟନ କର । ଏହା ତୁମମାନଙ୍କ ଉପରେ ନିର୍ଭର କରେ ।"

ଏହି ଦୁଇଟି ଜିନିଷ ମଧ୍ୟରୁ ତୁମେ ଯାହାକୁ ଚାହୁଁଛ ତାହା ନେଇପାର । ମୁଁ ତ' ତୁମମାନଙ୍କୁ ଅପେକ୍ଷା କରିଥିଲେ । ମୁଁ ତ' ଏହା ଚାହୁଁଥିଲି ଯେ, ମୁଁ ତୁମମାନଙ୍କୁ ଦୁଇଟି ଯାକ ବସ୍ତୁ ଦେଇଦେବି । କିନ୍ତୁ ତୁମେମାନେ ଯଥା ସମୟରେ ଆସିଲ ନାହିଁ । ଅତଏବ୍ ବନୁ ହୱାଜିନ୍ ସଂପ୍ରଦାୟର ପ୍ରତିନିଧିମାନେ ଯେତେବେଳେ ସମସ୍ତ ପରିସ୍ଥିତିକୁ ଅନୁଧ୍ୟାନ କଲେ ସେତେବେଳେ ସେମାନେ (ଏହି ନିଷ୍ପତ୍ତି ନେଇ) କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଆମର କଏଦୀ ମହିଳା ଓ ପୁରୁଷମାନଙ୍କୁ ଫେରସ୍ତ ନେବାକୁ ଚାହୁଁଛୁ ।  ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ମୋ ଭାଗରେ ଏବଂ ବନୁ ଅବ୍‌ଦୁଲ୍ ମୁତଲ୍ଲିବଙ୍କ ଭାଗରେ ଯେଉଁ କଏଦୀମାନେ ଆସିଛନ୍ତି ସେମାନେ ସମସ୍ତେ ତୁମମାନଙ୍କର ହେଲେ । ଅର୍ଥାତ୍ ମୁଁ ସେମାନଙ୍କୁ ମୁକ୍ତ କରି ଦେଉଛି । ମୁଁ ସେହି ସମସ୍ତ କଏଦୀମାନଙ୍କୁ ତୁମକୁ ହସ୍ତାନ୍ତର କରି ଦେଉଛି ଏବଂ ଅନ୍ୟ କଏଦୀମାନଙ୍କ ସଂକ୍ରାନ୍ତରେ ମୁଁ ମୁସଲମାନମାନଙ୍କ ସହିତ କଥାବାର୍ତ୍ତା କରିବି । ଅର୍ଥାତ୍ ମୁଁ ଅନ୍ୟ କଏଦୀମାନଙ୍କୁ ମୁସଲମାନମାନଙ୍କୁ ଦେଇ ସାରିଛି ଏବଂ ତତ୍‌ସହିତ ଆପଣ ସ.ଅ ପ୍ରତିନିଧିମଣ୍ଡଳକୁ ଏହି ସମାଧାନ ମଧ୍ୟ କହିଲେ ଯେ, ତୁମେମାନେ କ'ଣ ଓ କିପରି କରିବ ? ତୁମେମାନେ ନମାଜେ ଜୋହୋର୍ ସମୟରେ ଲୋକମାନଙ୍କ ସମ୍ମୁଖରେ ଉପସ୍ଥି ହୋଇ କହିବ ଯେ, ଆମେମାନେ ମୁସଲମାନମାନଙ୍କ ନିମନ୍ତେ ରସୁଲୁଲ୍ଲାଃ ସ.ଅଙ୍କୁ ନିଜର ସୁପାରିଶ୍‌କାରୀ ରୂପେ ମନୋନୀତ କରୁଛୁ ଏବଂ ମୁସଲମାନମାନଙ୍କ ପାଇଁ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ସୁପାରିଶ୍ କରାଉଛୁ । ଆମମାନଙ୍କର ସନ୍ତାନ ଏବଂ ଆମମାନଙ୍କର ମହିଳାମାନଙ୍କୁ ଛାଡି ଦିଆଯାଉ । ତତ୍‌ସହିତ ଆପଣ ସ.ଅ କହିଲେ, ହେ ସମ୍ମାନସ୍ପଦ ବ୍ୟକ୍ତିମାନେ! ତୁମେମାନେ ମୁସଲମାନମାନଙ୍କ ସମ୍ମୁଖରେ ନିଜ ଇସ୍‌ଲାମ୍ ଧର୍ମର ସ୍ୱୀକାରୋକ୍ତି ପରିପ୍ରକାଶ କରିଦେବ ଏବଂ କହିବ ଯେ, ଆମେମାନେ ତୁମମାନଙ୍କର ଭାଇ ଅଟୁ। ତାହାହେଲେ ଯାଇ ମୁଁ ତୁମମମାନଙ୍କର ସୁପାରିଶ୍ କରିଦେବି । ଅର୍ଥାତ୍ ଆଁହଜରତ ସ.ଅ କହିଲେ, ମୁଁ ତୁମମାନଙ୍କର ସୁପାରିଶ୍ କରିଦେବି । ଆପଣ ସ.ଅ ଅତ୍ୟନ୍ତ ପ୍ରେମ ବତ୍ସଳତା ଢଙ୍ଗରେ, ପରୋପକାରୀତାର ସହିତ ସ୍ୱୟଂ ହିଁ କଏଦୀମାନଙ୍କୁ ମୁକ୍ତ କରିବାର ପନ୍ଥା ଶିଖାଉଛନ୍ତି ଯେ, ସାଧାରଣ ମୁସଲମାନମାନଙ୍କର ସମ୍ମାନ, ମନ ପ୍ରତି ଯତ୍ନବାନ୍ ହେବା ଉଚିତ୍ । କାରଣ କଏଦୀମାନେ ତ' ବର୍ତ୍ତମାନେ ମୁସଲମାନମାନଙ୍କର ସମ୍ପତ୍ତି ହୋଇ ସାରିଛନ୍ତି ଏବଂ ହୱାଜିନ୍ ସଂପ୍ରଦାୟ ପ୍ରତି ମଧ୍ୟ ସମ୍ମାନ ପ୍ରଦର୍ଶନ କରାଯିବ । ତେଣୁ ପ୍ରତିନିଧଦଳ ଏହିପରି ଅର୍ଥାତ୍ ଆଁହଜରତ ସ.ଅଙ୍କ କହିବା ମୁତାବକ ଜୋହୋର୍ ନମାଜ୍ ପରେ ଛିଡ଼ା ହୋଇ କହିବାକୁ ଲାଗିଲା, ଯେପରି ଆପଣ ସ.ଅ ସେମାନଙ୍କୁ କହିବା ପାଇଁ କହିଥିଲେ ବା ଶିଖାଇଥିଲେ ଯେ, ତୁମେମାନେ ମୁସଲମାନମାନଙ୍କ ଆଗରେ ଏହିପରି କହିବ ସେମାନେ ସେହିପରି ହିଁ କହିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବୁଖାରୀର ବର୍ଣ୍ଣନାନୁଯାୟୀ ରସୁଲୁଲ୍ଲାଃ ସ.ଅ ଛିଡ଼ା ହୋଇ ଲୋକମାନଙ୍କୁ ସମ୍ବୋଧିତ କରି କହିଲେ, ହେ ଲୋକମାନେ ! ତୁମମାନଙ୍କର ଭାଇମାନେ ଅନୁତପ୍ତ ତଥା କ୍ଷମାପ୍ରାର୍ଥୀ ହୋଇ ତୁମମାନଙ୍କ ପାଖକୁ ଆସିଛନ୍ତି । ମୁଁ ସେମାନଙ୍କର କଏଦୀମାନଙ୍କୁ ସେମାନଙ୍କୁ ଫେରସ୍ତ କରିଦେବାକୁ ଚାହୁଁଛି । ତେଣୁ ଯେଉଁ ବ୍ୟକ୍ତି ପ୍ରସନ୍ନଚିତ୍ତତାର ସହିତ ନିଜର କଏଦୀକୁ ଫେରସ୍ତ କରିବାକୁ ଚାହୁଁଛି ତେବେ ସେ କରିପାରିବ ଏବଂ ଯେଉଁ ବ୍ୟକ୍ତି ସେହି କଏଦୀମାନଙ୍କ ବଦଳରେ କିଛି (ଅର୍ଥ) ନେବାକୁ ଚାହୁଁଛି ତେବେ ସେହି ବ୍ୟକ୍ତି ମୋ ଠାରୁ ଅର୍ଥ ନେଇନେଉ । ସଂପୃକ୍ତ ବ୍ୟକ୍ତି ଜଣକ ଏପରି କରିପାରିବ । ମୋତେ ପ୍ରାରମ୍ଭରେ ଯେଉଁ ମାଲେ ଗନିମତ୍ ପ୍ରାପ୍ତ ହୋଇଛି ସେହି ମାଲେ ଗନିମତ୍ ମଧ୍ୟରୁ ସେହି ମୁକୁଳି ଥିବା କଏଦୀର ଅଧିକାର ଅର୍ଥାତ୍ ମୂଲ୍ୟ ପୈଠ କରିଦେବି ଏବଂ ତତ୍‌ସହିତ ଆପଣ ସ.ଅ ନିଜର ଓ ନିଜ ବଂଶ ଅର୍ଥାତ୍ ଅବ୍‌ଦୁଲ୍ ମୁତଲ୍ଲିବଙ୍କ କଏଦୀମାନଙ୍କୁ ଫେରସ୍ତ କରିବାର ଘୋଷଣା ମଧ୍ୟ କଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସାହାବାମାନେ ତ' ନିଜର ପତ୍ନି, ସନ୍ତାନ ଓ ନିଜର ମାତାପିତାମାନଙ୍କ ଅପେକ୍ଷା ସର୍ବାଧିକ ଆପଣ ସ.ଅଙ୍କୁ ପ୍ରେମ କରୁଥିଲେ । ସେମାନେ କହିବାକୁ ଲାଗିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଆପଣ ସ.ଅଙ୍କ ପ୍ରସନ୍ନତା ସକାଶେ ପ୍ରସନ୍ନ ହୃଦୟର ସହିତ ନିଜର ବନ୍ଦୀମାନଙ୍କୁ ହୱାଜିନ୍ ସଂପ୍ରଦାୟକୁ ହସ୍ତାନ୍ତର କରୁଛୁ । ଆପଣ ସ.ଅ ସେମାନେଙ୍କର ଏହି ଅପୂର୍ବ ଉତ୍ସାହକୁ ଦେଖି ଅତ୍ୟନ୍ତ ପ୍ରସନ୍ନ ହେଲେ । କିନ୍ତୁ ଆପଣ ସ.ଅ ଏହା ଉଚିତ ମନେକଲେ ଯେ, ସମସ୍ତଙ୍କର ପ୍ରସନ୍ନତା ଏବଂ ପ୍ରସନ୍ନ ହୃଦୟ ପ୍ରକଟିତ ହୋଇଯାଉ । ତେଣୁ ଆପଣ ସ.ଅ କହିଲେ, "ହେ ସାହାବାମାନେ ! ମୁଁ ଜାଣିପାରୁ ନାହିଁ ଯେ, ତୁମମାନଙ୍କ ମଧ୍ୟରୁ କିଏ ଅନୁମତି ଦେଲା ଏବଂ କିଏ ଅନୁମତି ଦେଲା ନାହିଁ । କାରଣ ସାଧାରଣ ସଭାରେ ସମସ୍ତେ ଅନୁମତି କଥା ଏବଂ ଅନୁମତିର ସ୍ୱରୋତ୍ତୋଳନ କରୁଥିଲେ । ତେଣୁ ତୁମେମାନେ ଫେରିଯାଅ ଏବଂ ତୁମମାନଙ୍କର ଅଧିପତି ନିରୀକ୍ଷିକ ମୋ ପାଖକୁ ଆସି ନିଜର ଲୋକମାନଙ୍କର ମତଧାରା ଉପସ୍ଥାପିତ କରନ୍ତୁ । ଆପଣ ସ.ଅଙ୍କ ଏହି ଆଦେଶ ପରେ ସମସ୍ତ ଲୋକମାନେ ଆନନ୍ଦ ସହକାରେ ନିଜ କଏଦୀମାନଙ୍କୁ ମୁକ୍ତ କରିବା ନିମନ୍ତେ ମତ ବ୍ୟକ୍ତ କଲେ ଏବଂ ସେହି ନିରୀକ୍ଷକମାନେ ଆପଣ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ ଏବଂ ଏହିପରି ଆପଣ ସ.ଙ୍କର ଏହି ମହାନ୍ ଉପକାର ସେହି ଶତ୍ରୁ ଜାତି ଉପରେ ହୋଇଥିଲା ଯେ, ସମସ୍ତ ବନ୍ଦୀମାନଙ୍କୁ ଆପଣ ସ.ଅ ବିନା କୌଣସି କ୍ଷତିପୂରଣ ନେଇ ମୁକ୍ତ କରିଦେଲେ ଏବଂ ନିଜର ନିଷ୍ଠାପର ତଥା ବିଶ୍ୱସ୍ତ ଓ ପ୍ରେମକାରୀ ସାହାବାମାନଙ୍କର ଭାବାବେଗ ପ୍ରତି ମଧ୍ୟ ଆପଣ ସ.ଅ ଏତେ ଯତ୍ନବାନ୍ ହେଲେ ଯେ, ଆପଣ ସ.ଅ କହିଲେ, ପ୍ରତ୍ୟେକ କଏଦୀ ବଦଳରେ 6, 6ଟି ଲେଖାଏଁ ଓଟ ଦିଆଯାଉ। ହ. ଉମର୍ ର.ଅଙ୍କ ପ୍ରେମ ତଥା ଆଜ୍ଞାନୁବର୍ତ୍ତୀ ବାର୍ତ୍ତାବହ ରସୁଲୁଲ୍ଲାଃ ସ.ଅଙ୍କ ଏହି ଆଦର୍ଶ ରହିଥିଲା କି ଆପଣ ସ.ଅ ବନ୍ଦୀମାନଙ୍କର ସେହି ମୁକ୍ତ ସମୟରେ ସେଠାରେ ଉପସ୍ଥିତ ନଥିଲେ । ଯେତେବେଳେ ଆପଣ ସ.ଅ ପ୍ରତ୍ୟାବର୍ତ୍ତନ କଲେ ସେତେବେଳେ ଆପଣ ସ.ଅ ଏହା ଦେଖିଲେ ଯେ, ଦାସମାନେ ଉଲ୍ଲାସର ସହିତ ନାଚୁଛନ୍ତି, ବନ୍ଦୀମାନେ ଆନନ୍ଦ ସହକାରେ ନାଚୁଛନ୍ତି । ପଚାରିବାରୁ ଜଣାପଡ଼ିଲା ଯେ ଆପଣ ସ.ଅ ସମସ୍ତ ବନ୍ଦୀମାନଙ୍କୁ ମୁକ୍ତ କରିଦେଇଛନ୍ତି, ତେବେ ସେମାନେ ଏହା ଶୁଣିବା ମାତ୍ରେ କୌଣସି ପ୍ରକାରର ଅତିରିକ୍ତ ଅନୁସନ୍ଧାନ ବା ତଦନ୍ତ କରିବା ଆବଶ୍ୟକ ବୋଲି ମନେକଲେ ନାହିଁ। ହ. ଉମର୍ ର.ଅ ନିଜର ପୁତ୍ରକୁ କହିଲେ, ହେ ଅବ୍‌ଦୁଲ୍ଲାଃ ! ଯାଅ ଏବଂ ଆଁହଜରତ ସ.ଅ ମୋତେ ଯେଉଁ ଦାସ ପ୍ରଦାନ କରିଥିଲେ ସେହି ଦାସୀକୁ ତୁମେ ମୁକ୍ତ କରିଦିଅ ।" ଆଁହଜରତ ସ.ଅ ବନୁ ହୱାଜିନ୍ ସଂପ୍ରଦାୟର ସେହି ବନ୍ଦୀମାନଙ୍କୁ ବିନା କୌଣସି ମୂଲ୍ୟରେ ମୁକ୍ତ କରିଦେଇ ନଥିଲେ ବରଂ ଆପଣ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan ,
Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat
Ahmadiya Kerang, Darul Barkat (Odisha)

ସ.ଅ ସେହି ବନ୍ଦୀମାନଙ୍କୁ ବସ୍ତ୍ର ମଧ୍ୟ ପ୍ରଦାନ କଲେ । ଆପଣ ସ.ଅ ସାହାବାମାନଙ୍କୁ ତାଗିଦ୍ କଲେ ଯେ, فَلَا يَخْرُجُ الْحُرُّ مِنْهُمْ اِلَّا كَاسِيًا ହେ ସାହାବାମାନେ ! ମୁକ୍ତ ହେବାକୁ ଥିବା ଏହି ଦାସମାନଙ୍କ ମଧ୍ୟରୁ କେହି ବି ବିନା ବସ୍ତ୍ରରେ ଯେପରି ଏଠାରୁ ନଯାଉ । ସୁତରାଂ ଆଁହଜରତ ସ.ଅଙ୍କ ଉକ୍ତ ଆଦେଶକୁ ପାଳନ କରିବା ନିମନ୍ତେ ନୂତନ୍ତ ବସ୍ତ୍ର କ୍ରୟ (କିଣାକିଣ) ସକାଶେ ଜନୈକ (ଜଣେ) ସାହାବି ଯାହାଙ୍କର ନାମ ବୁସର୍ ବିନ୍ ସୁଫିୟାନ୍ ଥିଲା ତାଙ୍କୁ ଆପଣ ସ.ଅ ପ୍ରେରଣ କଲେ । ତେବେ ସେ ନୂତନ ଚଦରଗୁଡ଼ିକୁ ଘିନି ଆଣିଲେ ଏବଂ ପ୍ରତ୍ୟେକ କଏଦୀକୁ ନୂତନ ବସ୍ତ୍ର ପ୍ରଦାନ କରାଗଲା । **(ସହି ବୁଖାରୀ, କିତାବୁଲ୍ ଅତକି, ବାବ୍- ମନ୍ ମଲକା ମିନଲ୍ ଉର୍ଫ ରକିନ୍, ହଦିସ୍ ନଂ-2539-2540) (ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ୍, ପୃ-130, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ 2001 ମସିହା)(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-309-314, ବଜ୍‌ମେ ଇକ୍‌ବାଲ୍ ଲାହୋର୍) (ହୁନୈନ୍ ଯୁଦ୍ଧ, ଲେଖକ-ବାଶ୍‌ମିଲ୍, ପୃ-266, ନଫିସ୍ ଏକାଡ଼େମୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ ବର୍ଣ୍ଣନାନୁଯାୟୀ ତିନିଜଣ ଲୋକ ଏପରି ଥିଲେ ଯେଉଁମାନେ ନିଜର ବନ୍ଦୀମାନଙ୍କୁ ଫେରାଇବାକୁ ଅସ୍ୱୀକାର କରିଦେଲେ । ଅକ୍ରାଅ ବିନ୍ ହାବିସ୍ କହିଲେ, ଯେଉଁଠି ମୋର ଏବଂ ବନୁ ତମିମ୍‌ର ସଂପର୍କ ରହିଛି ଆମେମାନେ ନିଜର କଏଦୀମାନଙ୍କୁ ଫେରାଇବାକୁ ରାଜି ନାହୁଁ । ଆମେମାନେ କଏଦୀ ଫେରାଇବାକୁ ଅସ୍ୱୀକାର କରୁଛୁ । ଉୟୈନା ବିନ୍ ହିସନ୍ ଫଜାରି କହିଲେ, ମୋର ଏବଂ ମୋ ସଂପ୍ରଦାୟ ବନୁ ଫଜାରା କଏଦୀ ଫେରାଇବାକୁ ଅସ୍ୱୀକାର କରୁଛି । ଅବ୍‌ବାସ୍ ବିନ୍ ମିର୍ଦ୍ଦାସ୍ କହିଲା, ମୁଁ ଏବଂ ବନୁ ସୁଲୈମ୍ ସଂପ୍ରଦାୟ ନିଜର କଏଦୀମାନଙ୍କୁ ଫେରସ୍ତ କରିବୁ ନାହିଁ । କିନ୍ତୁ ବନୁ ସୁଲୈମ୍ ସଂପ୍ରଦାୟ ଉକ୍ତ କଥା ଶୁଣିବା ମାତ୍ରେ ନିଜର ଅଧିପତିଙ୍କ କଥା ମାନିବାକୁ ଅସ୍ୱୀକାର କରିଦେଲା ଏବଂ କହିଲା, ଆମମାନଙ୍କର ଯାହା କିଛି ରହିଛି ତାହା ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କୁ ଦେଇ ଦେଇଛୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ ଅନ୍ୟ କେତେକ ବର୍ଣ୍ଣନାନୁଯାୟୀ ରସୁଲୁଲ୍ଲାଃ ସ.ଅ କହିଲେ, ବନୁ ହୱାଜିନ୍ ସଂପ୍ରଦାୟର ସମସ୍ତ କଏଦୀମାନେ ମୁକ୍ତ ଅଟନ୍ତି ଏବଂ ଯେଉଁ ବ୍ୟକ୍ତି ନିଜର କଏଦୀଙ୍କୁ ମୁକ୍ତ କରିବାକୁ ଚାହୁଁ ନାହିଁ ସେହି ବ୍ୟକ୍ତିକୁ ବୈତୁଲ୍ ମାଲ୍ ପକ୍ଷରୁ 6ଟି ତରୁଣ ଓଟ କ୍ଷତିପୂରଣ ସ୍ୱରୂପ ପ୍ରଦାନ କରାଯିବ । ସୁତରାଂ ଏକଥା ଶୁଣି ଅସ୍ୱୀକାର କରୁଥିବା ସେହି ଲୋକମାନେ ଯେଉଁମାନେ ନିଜର କଏଦୀମାନଙ୍କୁ ମୁକ୍ତ କରିବାକୁ ରାଜି ହେଉ ନଥିଲେ ସେମାନେ ମଧ୍ୟ ରାଜି ହୋଇଗଲେ । ଅତଏବ୍ ଏହିପରି ଭାବରେ ବନୁ ହୱାଜିନ୍ ସଂପ୍ରଦାୟର 6 ହଜାର୍ ସଂଖ୍ୟକ କଏଦୀମାନଙ୍କୁ କାରାମୁକ୍ତ କରିଦିଆଗଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ ଅନ୍ୟ କେତେକ ବର୍ଣ୍ଣନାନୁଯାୟୀ ଉୟୈନା ବିନ୍ ହିସନ୍ ଫଜାରି ନିଜର କଏଦୀମାନଙ୍କୁ ତଥାପି ଫେରସ୍ତ କଲା ନାହିଁ । କିନ୍ତୁ ଉକ୍ତ ଅବଜ୍ଞତା ଯୋଗୁଁ ଉୟୈନା ବିନ୍ ହିସନ୍ ଫଜାରିକୁ ଲଜ୍ଜିତ ହେବାକୁ ପଡ଼ିଥିଲା ଏବଂ ସେ ପୁଣ୍ୟ ତଥା କଲ୍ୟାଣରୁ ବଞ୍ଚିତ ରହିଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସୁତରାଂ ଏଥି ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ଆଁହଜରତ ସ.ଅଙ୍କୁ କୁହାଗଲା ଯେ, ସମସ୍ତ ଲୋକମାନେ କଏଦୀମାନଙ୍କୁ ଫେରସ୍ତ କରିଦେଇଛନ୍ତି କିନ୍ତୁ ଉୟୈନା ବିନ୍ ହିସନ୍ ନିଜର କଏଦୀକୁ ମୁକ୍ତ କରି ନାହାନ୍ତି,ସେତେବେଳେ ଆଁହଜରତ ସ.ଅ କହିଲେ, ଅଲ୍ଲାଃତାଲା ଉୟୈନାକୁ କ୍ଷତିରେ ରଖନ୍ତୁ । ଉୟୈନାହ୍‌ର କଏଦୀର ଘଟଣା ଏହିପରି ଯେ, ଉୟୈନା ଯୁବ ମହିଳା ପରିବର୍ତ୍ତେ ଏକ ବୃଦ୍ଧା ମହିଳାକୁ କଏଦୀ ରୂପେ ନେଇଥିଲା ଏବଂ ଲୋକମାନେ ଯେତେବେଳେ ତାକୁ ପଚାରିଲେ ଯେ, ସେ ବୃଦ୍ଧ ମହିଳାକୁ କାହିଁକି ବାଛିଲା ସେତେବେଳେ ସେ କହିଲା, ସେହି ବୃଦ୍ଧା ମହିଳାର ପରିବାର ସଦସ୍ୟ ଯେତେବେଳେ ସଂପୃକ୍ତ ବୃଦ୍ଧା ମହିଳାକୁ ମୁକୁଳାଇବା ପାଇଁ ଆସିବେ ସେତେବେଳେ ତାକୁ ଅର୍ଥାତ୍ ଉୟୈନାକୁ ସେହି ମହିଳାର ମନ ମାଫିକ୍ ଫିଦିୟା (କଏଦୀ ଛଡ଼ାଇବା ବା ମୁକୁଳାଇବା ପାଇଁ ଯେଉଁ ଅର୍ଥ ଦିଆଯାଇଥାଏ ତାହାକୁ ଫିଦିୟା କହନ୍ତି) ମିଳିବ। କାରଣ ସେହି ବୃଦ୍ଧା ମହିଳାର ଅସଂଖ୍ୟ ସନ୍ତାନ ସନ୍ତତିମାନେ ଥିବେ । ବର୍ତ୍ତମାନ ଯେତେବେଳେ ସମସ୍ତ କଏଦୀମାନଙ୍କୁ ମୁକ୍ତ କରିଦିଆଗଲା କିନ୍ତୁ ଉୟୈନା ବିନ୍ ହିସନ ନିଜର କଏଦୀକୁ ମୁକ୍ତ କଲା ନାହିଁ ସେତେବେଳେ ସେହି ବୃଦ୍ଧା ମହିଳାର ପୁତ୍ର ଉୟୈନା ନିକଟକୁ ଆସିଲା ଏବଂ ସେ କହିଲା, ହେ ଉୟୈନା ! ତୁମେ ମୋ ମାତାଙ୍କୁ 100ଟି ଓଟ ବଦଳରେ ମୁକ୍ତ କରିଦିଅ । ଉୟୈନା ଭାବିଲା ଯେ, ସେ ବର୍ତ୍ତମାନ ଏହି ମୂଲ୍ୟକୁ ଅତିରିକ୍ତ ବୃଦ୍ଧି କରିଦେବ । ସୁତରାଂ ସେ ଉକ୍ତ ବୃଦ୍ଧା ମହିଳାକୁ ମୁକ୍ତ କରିବାକୁ ଅସ୍ୱୀକାର କରିଦେଲା । ପ୍ରତ୍ୟୁତ୍ତରରେ ସେହି ବୃଦ୍ଧା ମହିଳାର ପୁତ୍ର ଫେରିଗଲା । କିଛି ସମୟ ପରେ ଉୟୈନାକୁ ଯେତେବେଳେ ଏହା ଅନୁଭୂତ ହେବାକୁ ଲାଗିଲା ଯେ, ସେହି ବୃଦ୍ଧା ମହିଳାର ପୁତ୍ର ଆଉ ଫେରିବ ନାହିଁ ସେତେବେଳେ ଉୟୈନା ବିନ୍ ହିସନ୍ ସ୍ୱୟଂ ତା' ପୁତ୍ର ପାଖକୁ ଗଲା ଏବଂ କହିଲା, ଆଛା ତୁମେ ଯେଉଁ 100 ଓଟ ଦେବା ପାଇଁ କହୁଥିଲ ବର୍ତ୍ତମାନ ସେହି 100 ଓଟ ଦେବ ନା ନାହିଁ ? ପ୍ରତ୍ୟୁତ୍ତରରେ ସେହି ବୃଦ୍ଧା ମହିଳାର ପୁତ୍ର କହିଲା, ବର୍ତ୍ତମାନ ମୁଁ 50ଟି ଓଟ ଦେବି । ଏହିପରି ଭାବରେ କଥା 10ଟି ଓଟ ପର୍ଯ୍ୟନ୍ତ ଆସି ପହଞ୍ଚିଗ ଗଲା । ଉୟୈନା କିଛି ଗୋଟେ କଥା କହୁଥିଲା ତ' ସେହି ବୃଦ୍ଧ ମହିଳାର ପୁତ୍ର ଆଉ ଗୋଟେ କଥା କହୁଥିଲା। ସେହି ବୃଦ୍ଧା ମହିଳାର ପୁତ୍ର କହିଲା, ଆଛା ମୁଁ ଏହି 10ଟି ଓଟ ମଧ୍ୟ ଆଉ ଦେବି ନାହିଁ। ଉୟୈନା କହୁଥିଲା ଆଛା ମୋତେ ଏତିକି ଓଟ ଦେଇଦିଅ । ପରି ଶେଷରେ ସେହି ବୃଦ୍ଧା ମହିଳାର ପୁତ୍ର କହିଲା ମୁଁ ଆଉ କିଛି ବି ଓଟ ଦେବି ନାହିଁ । ଏକଥା ଶୁଣି ଉୟୈନା ଉତ୍ୟକ୍ତ ହୋଇ କହିବାକୁ ଲାଗିଲା ଯେ, ଆଛା ହେ ପୁତ୍ର ! ତୁମେ ମୋ ଠାରୁ ତୁମ ମାତାଙ୍କୁ ମାଗଣା ନେଇଯାଅ । ପ୍ରତ୍ୟୁତ୍ତରରେ ସେହି ପୁତ୍ର କହିବାକୁ ଲାଗିଲା ଯେ, ହେ ଉୟୈନାହ୍ ! ରସୁଲୁଲ୍ଲାଃ ସ.ଅ ତ' ପ୍ରତ୍ୟେକ କଏଦୀକୁ ମୁକ୍ତ କରିବା ସମୟରେ ବସ୍ତ୍ର ମଧ୍ୟ ଦେଇଛନ୍ତି ଏବଂ ମୋର ବୃଦ୍ଧା ମାତା ତ' ତହିଁରୁ ବଞ୍ଚିତ ରହିଗଲେ । ତେଣୁ ତୁମେ ମୋ ମାତା ନିମନ୍ତେ ବସ୍ତ୍ର ମଧ୍ୟ ଦିଅ। ଉୟୈନା କହିବାକୁ ଲାଗିଲା ଯେ, ମୋ ପାଖରେ ତ' କିଛି ନାହିଁ । ମୁଁ ତ' ଆଗରୁ ହିଁ ଗରିବ ଅଟେ। ମୁଁ ଲୋଭ କରିଥିଲି । ସେହି ଲୋଭ ଯୋଗୁଁ ମଧ୍ୟ ମୁଁ ଦୁର୍ଦ୍ଦଶାର ସମ୍ମୁଖୀନ୍ ହେଲି। କିନ୍ତୁ ସେହି ବୃଦ୍ଧା ମହିଳାର ପୁତ୍ର କହିଲା, ମୁଁ ସେସବୁ କଥା ଶୁଣିବି ନାହିଁ । ତୁମେ ମୋ ବୃଦ୍ଧା ମାତାକୁ କିଛି ନା କିଛି ଅବଶ୍ୟ ଦିଅ । ଏହି ପୁତ୍ର ଜଣକ ଉୟୈନାକୁ କହି ଚାଲିଲା କି ହେ ଉୟୈନା ! ତୁମର ମସ୍ତିଷ୍କ ସଂପୂର୍ଣ୍ଣ ରୂପେ ବୁଦ୍ଧିଶୂନ୍ୟ ଅଟେ । ସୁଯୋଗରୁ ଲାଭାବାନ୍ ହେବା ନିମନ୍ତେ ତୁମ ମଧ୍ୟରେ ଆଦୌ ସାମର୍ଥ୍ୟତା ନାହିଁ । ଉୟୈନାର ଅନ୍ୟ ସାଥିମାନେ ମଧ୍ୟ ଉୟୈନାକୁ ବ୍ୟଙ୍ଗ ବିଦ୍ରୁପ କରୁଥିଲେ । ଲୋଭ କରିବା ଫଳରେ ଉୟୈନାକୁ କିଛି ବି ପ୍ରାପ୍ତ ହେଲା ନାହିଁ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-393-394, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 1993 ମସିହା)(ହୁନୈନ୍ ଯୁଦ୍ଧ, ଲେଖକ-ବାଶମିଲ୍, ପୃ-295-296, ନଫିସ୍ ଏକାଡ଼େମୀ) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-314-315, ବଜ୍‌ମେ ଇକ୍‌ବାଲ୍ ଲାହୋର୍)(ଗଜ୍‌ୱାତୁନ୍ ନବୀ ସ.ଅ, ଲେଖକ-ଅଲୀ ଇବ୍‌ନେ ବୁରହାନୁଦ୍ଦୀନ୍ ହଲବି, ଉର୍ଦ୍ଦୁ ଅନୁବାଦକ, ପୃ-680-681, ଦାରୁଲ୍ ଇଶାଅତ୍, 2001 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବନୁ ହୱାଜିନ୍ ସଂପ୍ରଦାୟର ଅଧିପତି ମାଲିକ୍ ବିନ୍ ଔଫର ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ସଂପର୍କରେ ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅ ବନୁ ହୱାଜିନ୍‌ର ପ୍ରତିନିଧିମଣ୍ଡଳକୁ ସେମାନଙ୍କର ଅଧିପତି ମାଲିକ୍ ବିନ୍ ଔଫଙ୍କ ସଂପର୍କରେ ଯେତେବେଳେ ପଚାରିଲେ ଯେ, ମାଲିକ୍ ବନ୍ ଔଫ୍ କେଉଁଠି ଅଛି ? ସେତେବେଳେ ସେମାନେ ପ୍ରତ୍ୟୁତ୍ତରରେ କହିଲେ, ସେ ଅର୍ଥାତ୍ ମାଲିକ୍ ବିନ୍ ଔଫ୍ ବନୁ ସକିଫ୍ ଠାରେ ଅଛି । ଆପଣ ସ.ଅ ସେମାନଙ୍କୁ କହିଲେ, ହେ ହୱାଜିନ୍ ସଂପ୍ରଦାୟ ! ତୁମେ ମାନେ ମାଲିକ୍ ବିନ୍ ଔଫକୁ କହିଦିଅ କି ସେ ଯଦି ଆପଣ ସ.ଅଙ୍କ ଆଜ୍ଞାପାଳନପୂର୍ବକ ଆପଣ ସ.ଅଙ୍କ କଥା ସ୍ୱୀକାର କରି ଚାଲି ଆସେ ତେବେ ତା'ର ପରିବାରବର୍ଗ ଯେଉଁମାନେ ବନ୍ଦୀ ହୋଇ ଯାଇଛନ୍ତି ସେମାନଙ୍କୁ ମାଲିକ୍ ବିନ୍ ଔଫ୍‌କୁ ଫେରସ୍ତ କରିଦିଆଯିବ । ଅନ୍ୟ କେତେକ ବର୍ଣ୍ଣନାନୁଯାୟୀ ଆପଣ ସ.ଅ ତା'ର ପରିବାର ବର୍ଗଙ୍କ ସକାଶେ ଏହି ବିଶେଷ ଆଦେଶ ଦେଇଥିଲେ ଯେ, ସେହି (ମାଲିକର) ପରିବାରକୁ କାହାରିକୁ ଦାସ ରୂପେ ଦିଆ ନଯାଉ ଏବଂ ସେମାନଙ୍କ ରହଣୀର ବ୍ୟବସ୍ଥା ମକ୍କାରେ ଉମ୍ମେ ଅବଦୁଲ୍ଲାଃ ବିନ୍‌ତ୍ ଅ ବି ଉମୈୟାଙ୍କ ଘରେ କରି ଦିଆଗଲା । ସେମାନେ ମାଲିକ୍ ବିନ୍ ଔଫ୍‌କୁ ତୁରନ୍ତ ସୂଚନା ଦେଇଦେଲେ । ସେ ଅର୍ଥାତ୍ ମାଲିକ୍ ବିନ୍ ଔଫ୍ ସେହି ମୁହୂର୍ତ୍ତରେ ଆଁହଜରତ୍ ସ.ଅଙ୍କ ପାଖକୁ ଆସିବା ପାଇଁ ପ୍ରସ୍ତୁତ ହୋଇଗଲା । କିନ୍ତୁ ବନୁ ସକିଫ୍ ସଂପ୍ରଦାୟ ଠାରୁ ଏହି କାରଣରୁ ଡରିଗଲା ଯେ, ଯଦି ବନୁ ସକିଫ୍ ସଂପ୍ରଦାୟକୁ ଏହା ଜ୍ଞାତ ହେଲା ଯେ, ସେ ଅର୍ଥାତ୍ ମାଲିକ୍ ବିନ୍ ଔଫ୍ ମୁହମ୍ମଦ ସ.ଅଙ୍କ ପାଖକୁ ଯାଉଛି ତେବେ ମୁହମ୍ମଦ୍ ସ.ଅ ମାଲିକ୍ ବିନ୍ ଔଫକୁ ବନ୍ଦୀ ନକରି ନିଅନ୍ତୁ । ସେଇଥି ପାଇଁ ସେ ଏକ ଅଶ୍ୱ ଏବଂ ଏକ ଓଟ ପ୍ରସ୍ତୁତ କଲା । ରାତ୍ରର ଅନ୍ଧକାରରରେ ସେ ତାଏଫ୍‌ରୁ ବାହାରି ଜିରାନା ଠାରେ ଆପଣ ସ.ଅଙ୍କ ସେବାରେ ଉପସ୍ଥିତ ହୋଇଗଲା । ଆଁହଜରତ ସ.ଅ ମାଲିକ୍ ବିନ୍ ଔଫକୁ ତା'ର ପରିବାର ଫେରସ୍ତ କରିଦେଲେ ଏବଂ 100ଟି ଓଟ ଉପହାର ମଧ୍ୟ ପ୍ରଦାନ କଲେ । ଆପଣ ସ.ଅଙ୍କର ଏହି ବଦାନ୍ୟତା ତଥା ବଖ୍‌ସିସ୍‌କୁ ଦେଖି ମାଲିକ୍ ବିନ୍ ଔଫ୍ ମୁସଲମାନ ହୋଇଗଲା ଏବଂ ପୁନଶ୍ଚ ସମଗ୍ର ଜୀବନ ଜଣେ ନିଷ୍ଠାପର ମୁସଲମାନ ହୋଇ ରହିଲା । ଆଁହଜରତ ସ.ଅ ପରବର୍ତ୍ତୀ କାଳରେ ତାକୁ ହୱାଜିନ୍ ସଂପ୍ରଦାୟର ମୁସଲମାନମାନଙ୍କର ଶାସକ ରୂପେ ନିଯୁକ୍ତ କଲେ ଏବଂ ସେ ହୱାଜିନ୍

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ସଂପ୍ରଦାୟରେ ଥିବା ସୈନ୍ୟବାହିନୀର ସେନାପତି ମଧ୍ୟ ନିଯୁକ୍ତ କରିଦେଲେ । **(ହୁନୈନ୍ ଯୁଦ୍ଧ, ଲେଖକ-ବାଶମିଲ୍, ପୃ-295-296, ନଫିସ୍ ଏକାଡ଼େମୀ) (ଅସ୍ ସିରତୁନ୍ ନବୱିୟାହ୍ ଲି ଇବ୍‌ନି ହିଶ୍ଶାମ୍, ପୃ-797, ଅମ ର ଅମୱାଲୁ ହୱାଜିନ୍ ୱ ସବାୟାହା, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ 2001 ମସିହା)**

ଏହି ମାଲିକ୍ ବିନ୍ ଔଫ୍ ହେଉଛି ସେହି ବ୍ୟକ୍ତି ଯିଏ ସମଗ୍ର ବନୁ ହୱାଜିନ୍ ସଂପ୍ରଦାୟ ଏବଂ ସକିଫ୍ ସଂପ୍ରାଦାୟ ଓ ଅନ୍ୟାନ୍ୟ ସଂପ୍ରଦାୟମାନଙ୍କୁ ଏକତ୍ରିତ କରି ଆଁହଜରତ ସ.ଅ ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ନେଇ ଆସିଥିଲା । ତା'ର ଏହି ଉଦ୍ଦେଶ୍ୟ ଥିଲା ଯେ, ସେ ମୁସଲମାନମାନଙ୍କର ମୂଳୋତ୍ପାଟନ କରିଦେବ । ସେ (ମାଲିକ୍ ବିନ୍ ଔଫ୍) ଆଁହଜରତ ସ.ଅଙ୍କ ରକ୍ତ ପିପାସୁ ଥିଲା । କିନ୍ତୁ ଆପଣ ସ.ଅଙ୍କ ଆଦର୍ଶ ତଥା ଆପଣ ସ.ଅଙ୍କ ଅସୀମ ଦୟା ଓ କ୍ଷମାର ଅପୂର୍ବ ଉଦାହରଣ ଏହିପରି ଯେ, ଆପଣ ସ.ଅ ମାଲିକ୍ ବିନ୍ ଔଫର ମାର୍ଗଦର୍ଶନ ଓ ସତ୍‌ମାର୍ଗର ପିପାସୁ (ଅଭିଳାଷୀ) ଥିଲେ (ଯେ, ମାଲିକ୍ ବିନ୍ ଔଫକୁ ସତ୍‌ମାର୍ଗ ପ୍ରାପ୍ତ ହୋଇଯାଉ) । ଯେତେବେଳେ ସେ ଅର୍ଥାତ୍ ମାଲିକ୍ ବିନ୍ ଔଫ୍ ସତ୍‌ମାର୍ଗର ଅଭିଳାଷୀ ହୋଇ ଆସିଲା ସେତେବେଳେ ଆପଣ ସ.ଅ ତା'କୁ କେବଳ କ୍ଷମା କରିଦେଲେ ନାହିଁ ବରଂ ସେତେବେଳେ ନ୍ୟୁନାଧିକ ସମ୍ପତ୍ତି ଦୃଷ୍ଟିରୁ ଆପଣ ସ.ଅ ମାଲିକ୍ ବିନ୍ ଔଫ୍‌କୁ 100ଟି ଓଟ ମଧ୍ୟ ପ୍ରଦାନ କଲେ । ଯୁଦ୍ଧରେ ବନ୍ଧୀ ହୋଇଥିବା ମହିଳାମାନଙ୍କ ମଧ୍ୟରେ ଜଣେ ମହିଳା ମଧ୍ୟ ରହିଥିଲା ଯାହାର ନାମ ଶୈମା ଥିଲା । ଉକ୍ତ ମହିଳାର ଗୋତ୍ର ଶୈମା ଥିଲା, ହେଲେ ତା'ର ପ୍ରକୃତ ନାମ ହୁଜାଫା ଥିଲା । ସେ ଯେତେବେଳେ ଗିରଫ ହେଲେ ସେତେବେଳେ ସେ ଗରିଫ କରୁଥିବା ଲୋକମାନଙ୍କୁ କହିବାକୁ ଲାଗିଲ ଯେ, ମୁଁ ତୁମମାନଙ୍କର ବାର୍ତ୍ତାବହ ମୁହମ୍ମଦ ସ.ଅଙ୍କ ରିଜାଇ ଭଉଣୀ ଅଟେ । କିନ୍ତୁ ସାହାବାମାନେ ତା' କଥା ଶୁଣିଲେ ନାହିଁ କି ମାନିଲେ ନାହିଁ । ଅନ୍‌ସାରମାନଙ୍କର ଏକ ଜମାଅତ୍ ସେହି ମହିଳାକୁ ଧରିଲେ ଏବଂ ତାକୁ ଆପଣ ସ.ଅଙ୍କ ସେବାରେ ଉପସ୍ଥାପିତ କଲେ । ସେ କହିଲା, ହେ ମୁହମ୍ମଦ ସ.ଅ! ମୁଁ ଆପଣ ସ.ଅଙ୍କ ରିଜାଇ ଭଉଣୀ ଅଟେ । ଆପଣ ସ.ଅ କହିଲେ ମହୋଦୟା ! ତୁମ ପାଖରେ କୌଣସି ନିଦର୍ଶନ (ଚିହ୍ନ) ରହିଛି କି ? ସେ ନିଜ ଦାନ୍ତର ଚିହ୍ନ ଦେଖାଇଲେ ଏବଂ କହିଲେ, ଆପଣ ସ.ଅ ମୋତେ ସେତେବେଳ କାମୁଡ଼ି ଦେଇଥିଲେ । ଅର୍ଥାତ୍ ବାଲ୍ୟକାଳରେ ମୁଁ ଯେତେବେଳେ ଆପଣ ସ.ଅଙ୍କୁ କୋଳରେ ଧରିଥିଲି ସେତେବେଳେ ଆପଣ ସ.ଅ ମୋତେ ଦାନ୍ତରେ କାମୁଡ଼ି ଦେଇଥିଲେ । ଆପଣ ସ.ଅଙ୍କୁ ଉକ୍ତ ଘଟଣାଟି ମନେ ପଡ଼ିଥିବ । ସେହି ମହିଳା ଜଣକ କହିଲେ, ଆମେମାନେ ସେତେବେଳେ ଛେଳୀ ଚରାଉଥିଲୁ ଏବଂ ଆପଣ ସ.ଅଙ୍କ ରିଜାଇ ପିତା ଏବଂ ମୋର ନିଜ ପିତା ଆପଣ ସ.ଅଙ୍କ ରିଜାଇ ମାତା ହେଉଛନ୍ତି ମୋର ପ୍ରକୃତ ମାତା । ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମନେ ପକାନ୍ତୁ ଯେ, ମୁଁ ଆପଣ ସ.ଅଙ୍କ ନିମନ୍ତେ ଛେଳୀ କ୍ଷୀର ଦୁହୁଥିଲି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ ଚିହ୍ନ ଦେଖି ଚିହ୍ନି ପକାଇଲେ। ଆପଣ ସ.ଅ ତାଙ୍କ ସକାଶେ ଏବଂ ତାଙ୍କ ସମ୍ମାନାର୍ଥେ ଛିଡ଼ା ହୋଇ ପଡ଼ିଲେ ଏବଂ ନିଜର ଚଦର ବିଛାଇ ଦେଲେ । ଆପଣ ସ.ଅ କହିଲେ, ଭଉଣୀ ମହୋଦୟା ! ଆପଣ ଉକ୍ତ ମସିଣା ଉପରେ ବସନ୍ତୁ । ଆପଣ ସ.ଅ ତାଙ୍କୁ ସ୍ୱାଗତ ଜଣାଇଲେ ଏବଂ ଆପଣ ସ.ଅଙ୍କ ଚକ୍ଷୁରୁ ଲୁହ ବହିବାକୁ ଲାଗିଲା ଏବଂ ଆପଣ ସ.ଅ ତାଙ୍କୁ ସେହି ରିଜାଇ ମାତାପିତାଙ୍କ ସଂପ୍ରକରେ ଯେତେବେଳେ ପଚାରିଲେ ସେତେବେଳେ ସେ (ଭଉଣୀ) କହିଲେ, ତାଙ୍କର ବିୟୋଗ ହୋଇ ସାରିଛି । ଆପଣ ସ.ଅ କହିଲେ, ହେ ଭଉଣୀ ମହୋଦୟା ! ଆପଣ ଯଦି ଉଚିତ୍ ବୋଲି ମନେକରୁଛନ୍ତି ତେବେ ଆପଣ ଆମ ପାଖରେ ରହିପାରିବ । ତୁମକୁ ଉଚିତ୍ ସମ୍ମାନ ଓ ପ୍ରେମ ପ୍ରାପ୍ତ ହେବ । ଆଉ ଯଦି ଆପଣ ନିଜ ସଂପ୍ରଦାୟ ପାଖକୁ ଫେରିଯିବାକୁ ଚାହୁଁଛନ୍ତି ତେବେ ମୁଁ ଉଦର ସଂପର୍କୀୟ ମନେକରି ଆପଣଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରିବି ଯେ, ତୁମେ ସେହି ସଂପ୍ରଦାୟକୁ ଚାଲିଯାଅ । ମୁଁ ତୁମ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରୁଛି, ତୁମେ ସେହିଠାକୁ ଚାଲିଯାଅ । ସେ କହିଲା, ମୁଁ ନିଜର ଜାତି ପାଖରେ ଫେରିଯିବାକୁ ଚାହୁଁଛି। ସେ ଯାହା ହେଉ ସେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ । ଆପଣ ସ.ଅ ତାଙ୍କୁ ତିନୋଟି ଦାସ ଏବଂ ଗୋଟିଏ ଦାସୀ ପ୍ରଦାନ କଲେ । ସେହିପରି ଆପଣ ସ.ଅ ତାଙ୍କୁ ଗୋଟିଏ କିମ୍ବା 2ଟି ଓଟ ଦେବା ନିମନ୍ତେ ମଧ୍ୟ ଆଦେଶ ଦେଲେ । ଆପଣ ସ.ଅ ସେତେବେଳେ ହୁନୈନ୍ ଠାରେ ଥିଲେ । ସେଇଥି ପାଇଁ ଆଁପଣ ସ.ଅ କହିଲେ, ହେ ଭଉଣୀ ମହୋଦୟା ! ଆପଣ ଜିରାନା ଚାଲିଯାଆନ୍ତୁ ଏବଂ ନିଜ ଜାତି ପାଖରେ ଯାଇ ରୁହନ୍ତୁ । ମୁଁ ଟିକେ ତାଏଫ୍ ଆଡ଼କୁ ଯାଉଛି । ସୁତରାଂ ସେ (ସେହି ମହିଳା ଜଣକ) ଜିରାନା ଠାକୁ ଚାଲି ଆସିଲେ । ଆପଣ ସ.ଅ ଜିରାନା ଠାରେ ତାଙ୍କୁ ସାକ୍ଷାତ୍ କଲେ ଏବଂ ତାଙ୍କୁ ଛେଳୀ ମେଣ୍ଢା ଇତ୍ୟାଦି ଜୀବ ମଧ୍ୟ ପ୍ରଦାନ କଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାନୁଯାୟୀ ଆପଣ ସ.ଅ ତାଙ୍କୁ କହିଲେ, ହେ ଭଉଣୀ ମହୋଦୟା ! ଯାହା ମାଗୁଛ ମାଗ । ତୁମେ ଯାହା ମାଗିବ ତୁମକୁ ତାହା ଦିଆଯିବ । ତୁମେ ଯେଉଁ ସୁପାରିଶ୍ କରିବା ତାହାକୁ ଅବଶ୍ୟ ସ୍ୱୀକାର କରି ନିଆଯିବ । ଅତଏବ୍ ସେ ନିଜ ଜାତିର ଜଣେ ଲୋକ ଯାହାର ନାମ ବଜାଦ୍ ଥିଲା, ତା'ର ସୁପାରିଶ୍ କଲେ । ସେହି ବ୍ୟକ୍ତି ଏକ ମୁସଲମାନ ବ୍ୟକ୍ତିକୁ ହତ୍ୟା କରି ସେହି ବ୍ୟକ୍ତିକୁ ପୋଡ଼ି ଦେଇଥିଲା ଓ ପଳାୟନ କରିଥିଲା । କିନ୍ତୁ ସାହାବାମାନେ ତା'କୁ ଧରି ପକାଇଲେ । ବର୍ତ୍ତମାନ ଯେତେବେଳେ ଶୈମା ବଜାଦ୍‌ର କ୍ଷମାପ୍ରାର୍ଥନାର ସୁପାରିଶ କଲେ, ସେତେବେଳେ ଆପଣ ସ.ଅ ବଜାଦ୍‌କୁ କ୍ଷମା ପ୍ରଦାନ କରିଦେଲେ । **(ହୁନୈନ୍ ଯୁଦ୍ଧ, ଲେଖକ-ବାଶମିଲ୍, ପୃ-389-390, ନଫିସ୍ ଏକାଡ଼େମୀ) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-333, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1993 ମସିହା) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-318-319, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏ ସଂପର୍କରେ ଅଧିକ ବିବରଣୀ ତ' ନାହିଁ କିନ୍ତୁ ତଥାପି ଆପଣ ପରେ ନିଃସନ୍ଦେହ ରୂପେ ସେହି ମୃତ ବ୍ୟକ୍ତିର ଦିୟତ ମଧ୍ୟ ପୈଠ କରି ଦେଇଥିବେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅବୁ ଦାଉଦ୍‌ର ବର୍ଣ୍ଣନାନୁଯାୟୀ ଜିରାନା ନାମକ ସ୍ଥାନରେ ଆଁହଜରତ ସ.ଅଙ୍କ ରିଜାଇ ମାତାଙ୍କ ସହିତ ସାକ୍ଷାତ୍ କରିବାର ଘଟଣା ସଂପର୍କରେ ମଧ୍ୟ ବର୍ଣ୍ଣିତ ହୋଇଛି । କିନ୍ତୁ ଅବୁ ଦାଉଦ୍ କୁହନ୍ତି ଯେ, ଏହାର ପ୍ରମାଣ ଅତ୍ୟନ୍ତ ଦୁର୍ବଳ ଅଟେ । ମାତା ଭେଟ ହୋଇ ନଥିଲେ । ସମ୍ଭବତଃ ରିଜାଇ ମାତାଙ୍କ ଭେଟ ହେବା ଅନ୍ୟ କୌଣସି ଅବସର ସଂପର୍କରେ ହୋଇଥିବ କିମ୍ବା ବର୍ଣ୍ଣନାକାରୀଙ୍କୁ ଭ୍ରମ ଲାଗିଥିବ । କାରଣ ସାମଗ୍ରିକ ବର୍ଣ୍ଣନା ଅନୁଯାୟୀ ହୁନୈନ୍ ଯୁଦ୍ଧ ପୂର୍ବରୁ ଆପଣ ସ.ଅଙ୍କ ରିଜାଇ ମାତାଙ୍କର ବିୟୋଗ ହୋଇ ସାରିଥିଲା । **(ହୁନୈନ୍ ଯୁଦ୍ଧ, ଲେଖକ-ବାଶମିଲ୍, ପୃ-289, ନଫିସ୍ ଏକାଡ଼େମୀ)(ସୁନନ୍ ଅବୁ ଦାଉଦ୍ କିତାବୁଲ୍ ଅଦବ୍, ବାବ୍-ଫି ବିର୍‌ରିଲ୍ ୱଲିଦୈନି, ହଦିସ୍ ନଂ-5144) (ସିରତ୍ ଇବ୍‌ନେ କସିର୍, ଭାଗ-3, ପୃ-690, ଦାରୁଲ୍ ମାଆରୁଫ୍, ବୈରୁତ୍, ଲେବ୍‌ନାନ୍, 1976 ମସିହାରୁ ଉଦ୍ଧୃତ) (ଫତ୍‌ହୁଲ୍ ୱଦୁଦ୍, ଭାଗ-7, ପୃ-410, ମକ୍‌ତବା ଯାଇଜତୁ ଦବିଉଦ୍ ଦୌଲିୟତା ଲିଲ୍ କୁର୍‌ଆନିଲ୍ କରିମି)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ ଯେତେବେଳେ ମକ୍କାରୁ ମଦିନା ଅଭିମୁଖେ ପ୍ରବାସ କରିଥିଲେ ସେତେବେଳେ ମକ୍କାବାସୀମାନେ ଏହି ଘୋଷଣା କରିଥିଲେ ଯେ, ଯେଉଁ ବ୍ୟକ୍ତି ଆଁହଜରତ ସ.ଅଙ୍କୁ ଜୀବିତ ଅବା ମୃତ ଧରି ଆଣିବ ସେହି ବ୍ୟକ୍ତିକୁ 100ଟି ଓଟ ପୁରସ୍କାର ପ୍ରଦାନ କରାଯିବ । ଉକ୍ତ ଘଟଣାଟି ଅତ୍ୟନ୍ତ ପ୍ରସିଦ୍ଧ ଘଟଣା ଅଟେ । ଉକ୍ତ ଘଟଣାଟି ଅନେକ ଥର ବର୍ଣ୍ଣିତ ମଧ୍ୟ ହୋଇ ସାରିଛି । ଉକ୍ତ ପୁରସ୍କାର କଥା ଶୁଣି ସୁରାକା ବିନ୍ ମାଲିକ୍ ଆପଣ ସ.ଅଙ୍କର ପିଛା କଲା ଏବଂ ଆପଣ ସ.ଅଙ୍କ ପର୍ଯ୍ୟନ୍ତ ସେ ପହଞ୍ଚିଗଲା । କିନ୍ତୁ ସେତେବେଳେ ଅତ୍ୟନ୍ତ ଚମତ୍କାରିକ ରୂପେ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ରକ୍ଷା କଲେ ଏବଂ ସୁରାକାକୁ ଫେରିଯିବାକୁ ବାଧ୍ୟ କରିଦେଲେ । ସେତେବେଳେ ଆପଣ ସ.ଅ ସୁରାକାକୁ କହିଥିଲେ ଯେ, ହେ ସୁରାକା! ତୋର ସେତେବେଳେ କି ଅବସ୍ଥା ହେବ ଯେତେବେଳେ କିସ୍ରାର କଙ୍କଣ ତୋ ହାତରେ ଥିବ । ସେତେବେଳେ ସୁରାକା ଆପଣ ସ.ଅଙ୍କ ଠାରୁ ଶାନ୍ତି ତଥା ସୁରକ୍ଷାର ଆଶ୍ୱାସନା ସନନ୍ଦ (ଲିଖିତ ଲେଖନୀ) ଦେବା ପାଇଁ ଅନୁରୋଧ କରିଥିଲା। ସେହି ସୁରାକା ସେହି ଶାନ୍ତିର ସନନ୍ଦ ପତ୍ର ଧରି ଜିରାନା ନାମକ ସ୍ଥାନରେ ଉପସ୍ଥିତ ହେଲା ଏବଂ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲା । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-306-307, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇତ୍ୟବସରରେ ହ. ଉମର୍ ର.ଅଙ୍କ ଏକ ମାନସିକର ଚର୍ଚ୍ଚା ମଧ୍ୟ ମିଳେ । ହ. ଉମର୍ ର.ଅଙ୍କ ସେବାରେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଅଶିକ୍ଷିତ ଯୁଗରେ ମୁଁ ଏକ ମାନସିକ କରିଥିଲି । ଅର୍ଥାତ ମୁଁ ମସ୍‌ଜିଦେ ହରାମ୍‌ରେ ଜିନେ ଏତେକାଫ୍ କରିବି । ଏ ସଂପର୍କରେ ଆପଣ ସ.ଅଙ୍କର କ'ଣ ମତାମତ ରହିଛି। ଆପଣ ସ.ଅ କହିଲେ, ଆପଣ ଯାଆନ୍ତୁ ଏବଂ ମାନସିକ ପୂରଣ କରନ୍ତୁ । ସୁତରାଂ ହ. ଉମର୍ ର.ଅ ଗଲେ ଏବଂ ନିଜର ମାନସିକ ପୂରଣ କଲେ । **(ସହିହୁଲ୍ ବୁଖାରୀ, କିତାବୁଲ୍ ଏତେକାଫ୍, ବାବ୍- ମନ୍ ଲମ୍ ୟରା ଅଲୈହି ଇଜା ଏତେକାଫା, ହଦିସ୍ ନଂ-2042) (ଫତ୍‌ହୁଲ୍ ବାରି, କିତାବୁଲ୍ ମୁଗାଜି, ଭାଗ-8, ପୃ-43, କଦିମି, କୁତୁବ୍ ଖାନା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ ବର୍ତ୍ତମାନ ଜିରାନା ନାମକ ସ୍ଥାନରେ ଥିଲେ କି ଏକଦା ରାତ୍ର ସମୟରେ ଆପଣ ସ.ଅ ଉମ୍ରାହ୍ କରିବା ଉଦ୍ଦେଶ୍ୟରେ ମକ୍କା ପର୍ଯ୍ୟନ୍ତ ଯାତ୍ରା କଲେ ଏବଂ ବର୍ଣ୍ଣନାନୁଯାୟୀ ଆପଣ ସ.ଅ ରାତ୍ର ସମୟରେ ମକ୍କା ଗମନ

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

କରିଥିଲେ ଏବଂ ସେହି ରାତ୍ରରେ ହିଁ ଆପଣ ସ.ଅ ମକ୍କାରୁ ଫେରି ଆସିଲେ। ଯେହେତୁ ଆପଣ ସ.ଅ କିଛି ସମୟ ପାଇଁ ମକ୍କା ଯାଇଥିଲେ, ସେଇଥି ପାଇଁ ଲୋକମାନେ ଏହା ମନେକଲେ ଯେ, ଆଁହଜରତ୍ ସ.ଅ କେଉଁଠି ଯାଇ ନାହାନ୍ତି । **(ଗଜ୍ୱାତୁନ୍ ନବୀ ସ.ଅ, ଲେଖକ-ଇମାମ୍ ହଲବି, ଉର୍ଦ୍ଦୁ ଅନୁବାଦ, ପୃ-683, ଦାରୁଲ୍ ଇଶାଅତ୍ 2001 ମସିହା) (ଉମ୍ଦତୁଲ୍ କାରି କିତାବୁଲ୍ ହଜ୍, ଭାଗ-9, ପୃ-301, ଦାରୁଲ୍ ଅହ୍ୟାଉତ୍ ତୁରାସା, 2003 ମସିହା) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-375, ବଜ୍ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ମଦିନା ପ୍ରତ୍ୟାବର୍ତ୍ତନ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ଜୁଲ୍ କାଆଦାଡ ମାସର ବର୍ତ୍ତମାନ 12 ଦିନ ଆଉ ଶେଷ ରହିଥିଲା ଏବଂ ଗୁରୁବାର ଦିନ ଆପଣ ସ.ଅ ମଦିନା ପ୍ରତ୍ୟାବର୍ତ୍ତନ ଯାତ୍ରା ଆରମ୍ଭ କରିଥିଲେ । ଏହା ପୂର୍ବରୁ ଆପଣ ସ.ଅ ହ. ଅତ୍ତାବ୍ ବିନ୍ ଅସିଦ୍‌ଙ୍କୁ ମକ୍କାର ଶାସକ ରୂପେ ନିଯୁକ୍ତ କରି ସାରିଥିଲେ । ଆପଣ ସ.ଅ ତାଙ୍କ ସହିତ ହ. ମୁଆଜ୍ ବିନ୍ ଜବଲ୍ ର.ଅ ଏବଂ ହ. ଅବୁ ମୁସା ଅଶ୍‌ଅରୀ ର.ଅଙ୍କୁ ପଛରେ ଛାଡ଼ିଲେ, କାରଣ ସେ ଲୋକମାନଙ୍କୁ ପବିତ୍ର କୁରଆନ୍ କରୀମ୍ ଏବଂ ଧର୍ମ ଶିକ୍ଷା ଦିଅନ୍ତୁ । ଆପଣ ସ.ଅ ନିଜ ସହିତ କିଛି ପାଳିତ ଜୀବ ରଖିଲେ । କାରଣ ଯିଏବି ଆପଣ ସ.ଅଙ୍କୁ ମାର୍ଗରେ ସାକ୍ଷାତ୍ କରିବ ଆପଣ ସ.ଅ ସେହି ଜୀବମାନଙ୍କୁ ଉକ୍ତ ସାକ୍ଷାତ୍‌କାରୀ ବ୍ୟକ୍ତିଙ୍କୁ ପ୍ରଦାନ କରିଦେବେ । ଆପଣ ସ.ଅ ଜିରାନା ନାମକ ଉପତ୍ୟକାରୁ ବାହାରିଲେ । ସରଫ୍ ମାର୍ଗ ମଧ୍ୟ ଦେଇ ପୁନଶ୍ଚ ମର୍‌ରୁଜ୍ ଜୁହ୍‌ରା ନାମକ ସ୍ଥାନରେ ଆପଣ ସ.ଅ ପହଞ୍ଚିଲେ ଏବଂ ପୁନଶ୍ଚ 9 ଦିନର ଯାତ୍ରା କରିବା ପରେ ବର୍ତ୍ତମାନ ଜୁଲ୍ କାଦାର ତିନି ରାତି ଆଉ ବାକି ଥିଲା କି ଆପଣ ସ.ଅ ମଦିନା ଠାରେ ପହଞ୍ଚିଗଲେ । ଉପରୋକ୍ତ ସମସ୍ତ ଅଭିଯାନ, ମକ୍କା ବିଜୟ, ହୱାଜିନ୍ ସଂପ୍ରଦାୟ ବିଜୟ ଏବଂ ତାଏଫ୍‌ବାସୀଙ୍କ ଉପରେ ଆକ୍ରମଣରେ 2 ମାସ 16 ଦିନ ସମୟ ଲାଗିଥିଲା । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍ ଫି ସିରତିଲ୍ ଖୈରିଲ୍ ଇବାଦ୍, ଭାଗ-5, ପୃ-406-407, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1993 ମସିହା) (ହୁନୈନ୍ ଯୁଦ୍ଧ, ଲେଖକ-ବାଶ୍‌ମିଲ୍, ପୃ-306-307, ନଫିସ୍ ଏକାଡ଼େମୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏଥି ସଂକ୍ରାନ୍ତରେ ପ୍ରାଚ୍ୟତତ୍ତ୍ୱବିତମାନେ ଆପତ୍ତି କରନ୍ତି । ସେମାନେ ମକ୍କା ବିଜୟ, ହୁନୈନ୍ ଯୁଦ୍ଧ, ତାଏଫ୍ ଯୁଦ୍ଧ ଇତ୍ୟାଦି ସଂପର୍କରେ ଆପତ୍ତି କରିଛନ୍ତି । ଅର୍ଥାତ୍ ପ୍ରାଚ୍ୟତତ୍ତ୍ୱବିତ୍‌ମାନଙ୍କୁ ଆପତ୍ତି ଯୋଗ୍ୟ କୌଣସି ପ୍ରସଙ୍ଗ ତ' ମିଳିଲା ନାହିଁ କିନ୍ତୁ ସେମାନଙ୍କର ଦୁଇଟି ଆପତ୍ତି ଏପରି ଅଟେ ଯେ , ମୁଁ ସେହି ଆପତ୍ତି ଦ୍ୱୟକୁ ବର୍ଣ୍ଣନା କରି ଦେଉଛି । ସୁତରାଂ ୱିଲିୟମ୍ ମଣ୍ଟଗୋମେରି ୱାଟ୍ ଯେକି ଜଣେ ବର୍ତ୍ତମାନିକ ପ୍ରାଚ୍ୟତତ୍ତ୍ୱବିତ୍ ଅଟେ, ସେ ଏହା କୁହେ ଯେ, ତା'ର ଅନୁବାଦ ଏହିପରି ଯେ, ଯେଉଁ କିଛି ମହିଳାମାନଙ୍କୁ ବଡ଼ ବଡ଼ ସାହାବାମାନଙ୍କୁ ଦିଆଗଲା ଅନ୍ୟ ସମସ୍ତ ଲୁଣ୍ଠିତ ଧନ ଏବଂ ବନ୍ଦୀମାନଙ୍କୁ ମସଉଦ୍ ବିନ୍ ଅମ୍ର ଗିଫ୍ଫାରୀଙ୍କ ତତ୍ତ୍ୱାବଧାନରେ ଜିରାନା ନାମକ ସ୍ଥାନରେ ରଖାଗଲା । **(Muhammad at Madina by W. Montgomery Watt Page73, Chapter The Battle of Hunayn, The Consolidation of Victory Oxford University Press Karachi-2006)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ସାର୍ ୱିଲିୟମ୍ ମିଓର୍ ସାହେବ ଉଲ୍ଲେଖ କରନ୍ତି ଯେ, ବନ୍ଦୀମାନଙ୍କ ମଧ୍ୟରୁ ତିନିଜଣ ସୁନ୍ଦର ମହିଳାମାନଙ୍କୁ ଆଁହଜରତ୍ ସ.ଅଙ୍କ ପାଖକୁ ଅଣାଗଲା । ଆପଣ ସ.ଅ ସେହି ତିନିଜଣ ମହିଳାମାନଙ୍କ ମଧ୍ୟରୁ ଗୋଟିଏ ମହିଳା ହ. ଅଲୀ ର.ଅଙ୍କୁ, ଆଉ ଗୋଟିଏ ମହିଳା ହ. ଉସ୍‌ମାନ୍ ର.ଅଙ୍କୁ ଓ ଆଉ ଜଣେ ମହିଳାକୁ ହ. ଉମର୍ ର.ଅଙ୍କୁ ପ୍ରଦାନ କରିଦେଲେ । ହ. ଉମର୍ ର.ଅ ନିଜ ଭାଗରେ ପଡ଼ିଥିବା ମହିଳାକୁ ନିଜର ସୁପୁତ୍ର ହ. ଅବ୍‌ଦୁଲ୍ଲାଃଙ୍କୁ ପ୍ରଦାନ କରିଦେଲେ। ଅନ୍ୟ ଦୁଇ ମହିଳାମାନଙ୍କ ସଂପର୍କରେ ଏହା ଜଣା ପଡ଼ିଲା ନାହିଁ ଯେ, ସେମାନଙ୍କ ସହିତ କ'ଣ ହେଲା ? ସେ ଯାହା ହେଉ ସେ ଅର୍ଥାତ୍ ସାର୍ ୱିଲିୟମ୍ ମିଓର୍ ସାହେବ ଉଲ୍ଲେଖ କରନ୍ତି ଯେ, ତହିଁରୁ ମୁହମ୍ମଦ ସ.ଅଙ୍କ ଇତିହାସର ଆଭ୍ୟନ୍ତରୀଣ ଜ୍ଞାନ ସଂପର୍କରେ ଅବବୋଧ ହୋଇଯାଇଥାଏ ଯେ, ଆପଣ ସ.ଅ ଏପରି ବନ୍ଦୀ କନ୍ୟା ସେମାନଙ୍କୁ ଦେଉଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଆପଣ ସ.ଅଙ୍କ ପତ୍ନିଙ୍କ ପିତା ଅଟନ୍ତି ଓ ସେ ଦୁଇ କନ୍ୟା ସନ୍ତାନଙ୍କର ପିତା ଅଟନ୍ତି । **(The Life of Mahomet by Sir William Muir page-435, Chapter The Hawazinite Prisoners Released, Mahomet Presents Female Slaves to Ali, Othman and Omar, London Smith, Elder & CO., 15 Waterloo Place-1878)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଆପତ୍ତିରୁ କିମ୍ବା ଉପଦ୍ରବରୁ ଏକ ଘଟଣା ଉପସ୍ଥାପିତ କରିବା ନିମନ୍ତେ ସାର୍ ଉଇଲିୟମ୍ ମିଓର୍ ଏକ ଘଟଣା ଉପସ୍ଥାପିତ କରିବା ନିମନ୍ତେ ଚେଷ୍ଟା କରିଛି । ହୁଜୁର ଅନ୍‌ୱର୍ ଅ.ବ କହିଲେ, କିନ୍ତୁ ତହିଁରେ ଅର୍ଥାତ୍ ସେହି ଆପତ୍ତିର କୌଣସି ମୂଲ୍ୟ ନାହିଁ । କାରଣ ହୁନୈନ୍ ଯୁଦ୍ଧ ଅବସରରେ ବନ୍ଦୀମାନଙ୍କର ଏପରି ବଣ୍ଟନ ଯହିଁରେ ଦାସୀମାନଙ୍କୁ ଏପରି ଦେବାର ବର୍ଣ୍ଣନା ହୋଇଥିବ ତା'ର ଚର୍ଚ୍ଚା ସିରତ୍ ହଲବିୟାହ୍, ତବ୍‌କାତ୍ ଇବ୍‌ନେ ସାଆଦ୍‌ରେ ମିଳେ ନାହିଁ । କିନ୍ତୁ ଅର୍ଥ ବଣ୍ଟନର ଚର୍ଚ୍ଚା ମିଳେ । ତବ୍‌କାତ୍ ଇବ୍‌ନେ ସାଆଦ୍‌ରେ ଉଲ୍ଲେଖ ରହିଛି ଯେ, ସେଦିନ ମୁସଲମାନମାନଙ୍କୁ 6000 କଏଦୀ ମିଳିଥିଲେ । ଅବିଶ୍ୱାସକାରୀମାନେ ମୁସଲମାନ ହୋଇ ଆପଣ ସ.ଅଙ୍କ ପାଖରେ ଆସି କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ଲୋକମାନଙ୍କ ମଧ୍ୟରେ ସର୍ବୋତ୍ତମ ବ୍ୟକ୍ତି ଅଟନ୍ତି । ଆପଣ ସ.ଅ ଆମମାନଙ୍କର ଧନ, ପତ୍ନି ଓ ସନ୍ତାନମାନଙ୍କୁ ଗିରଫ କରି ନେଇଛନ୍ତି । ଆପଣ ସ.ଅ ମୁସଲମାନମାନଙ୍କୁ କହିଲେ, ହେ ମୁସଲମାନମାନେ ! ଯେଉଁ ବ୍ୟକ୍ତି ପାଖରେ ଏହି ବସ୍ତୁମାନଙ୍କ ମଧ୍ୟରୁ କୌଣସି ବସ୍ତୁ ଥାଏ ଏବଂ ସେ ଏହି ବସ୍ତୁକୁ ଫେରସ୍ତ କରିବା ନିମନ୍ତେ ଇଚ୍ଛୁକ ଅଟେ ତେବେ ଉକ୍ତ ମାର୍ଗଟି ସର୍ବୋତ୍ତମ ଅଟେ । ଯେଉଁ ବ୍ୟକ୍ତି ପ୍ରସନ୍ନ, ସନ୍ତୁଷ୍ଟ ତଥା ଇଚ୍ଛୁକ ନୁହେଁ ତେବେ ସେହି ବ୍ୟକ୍ତି ମୋତେ ଉପରୋକ୍ତ ବସ୍ତୁ ଦେଇଦେଉ । ଏହା ମୋ ଉପରେ ଋଣ ହେବ । ମୋତେ ଯେତେବେଳେ କୌଣସି ବସ୍ତୁ ପ୍ରାପ୍ତ ହେବ ସେତେବେଳେ ମୁଁ ଉକ୍ତ ଋଣ ପରିଶୋଧ କରିଦେବି । ସେ କହିଲେ, ହେ ନବୀ ସ.ଅ ! ଆମେମାନେ ଏଥି ନିମନ୍ତେ ସମ୍ମତି ପ୍ରଦାନ କରୁଛୁ ଏବଂ ଆପଣ ସ.ଅଙ୍କ ପରାମର୍ଶକୁ ସ୍ୱୀକାର କରୁଛୁ । ଆପଣ ସ.ଅ କହିଲେ, "ହେ ମୁସଲମାନମାନେ ! ମୁଁ ଜାଣି ନାହିଁ ଯେ, ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଏପରି ଥିବ ଯିଏ ଉକ୍ତ ପ୍ରସଙ୍ଗ ପ୍ରତି ଏକମତ ନଥିବ ଯେପରିକି ପୂର୍ବେ ବର୍ଣ୍ଣିତ ହୋଇ ସାରିଛି । ଅତଏବ୍ ତୁମେମାନେ ନିଜର ପ୍ରତିନିଧି ପଠାଅ ଯିଏ ମୋ ସମ୍ମୁଖରେ ଏସବୁକୁ ଉପସ୍ଥାପିତ କରିବେ । ଆପଣ ସ.ଅଙ୍କ ସମ୍ମୁଖରେ ପ୍ରତିନିଧିମାନେ ଉପସ୍ଥାପିତ କରାଗଲା ଯେ, ସେମାନେ ରାଜି ଅଟନ୍ତି ଏବଂ ଉକ୍ତ ପରାମର୍ଶକୁ ସ୍ୱୀକାର କରନ୍ତି ।" **(ଅତ୍‌ତବ୍‌କାତୁଲ୍ କୁବ୍ରା, ଲିଇବ୍‌ନି ସାଆଦ୍, ଭାଗ-2, ପୃ-118, ଗଜ୍ୱା ରସୁଲୁଲ୍ଲାଃ ସ.ଅ ଇଲା ହୁନୈନ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1990 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୂର୍ବେ ହୁନୈନ୍ ଯୁଦ୍ଧରେ ବନ୍ଦୀମାନଙ୍କ ବ୍ୟବସ୍ଥା ଏବଂ ସେମାନଙ୍କ କାରାମୁକ୍ତ ନିମନ୍ତେ ଆଁହଜରତ ସ.ଅଙ୍କ ଦୟାମୟ ବ୍ୟବହାରିକ ତତ୍ତ୍ୱଦର୍ଶୀତା ସଂପର୍କରେ ନାନା ବିଶ୍ୱସ୍ତ ଇତିହାସର ପ୍ରାମାଣ୍ୟମାନରୁ ବିସ୍ତୃତ ବିବରଣୀ ବର୍ଣ୍ଣିତ ହୋଇ ସାରିଛି । ଉକ୍ତ ଐତିହାସିକ ସତ୍ୟତାରୁ ସ୍ୱୟଂ ସାର୍ ୱିଲିୟମ୍ ମିଓର୍ ମଧ୍ୟ ଭଲ ଭାବରେ ଅବଗତ ଅଟେ । ସେହି କାରଣରୁ ଉଇଲିୟମ୍ ମିଓର୍ ଉକ୍ତ ବିବରଣୀକୁ ନିଜର ଆପତ୍ତିମୂଳକ ତଥା ବର୍ଣ୍ଣନାତ୍ମକ ଶୈଳୀ ବର୍ଣ୍ଣନା କରି ସେହି ସତ୍ୟତାର ପରିପ୍ରକାଶ କିର ରହି ପାରିଲା ନାହିଁ । ସାର୍ ଉଇଲିୟମ୍ ମିଓର୍ ଉଲ୍ଲେଖ କରନ୍ତି ଯେ, ହୁନୈନ୍ ଯୁଦ୍ଧର ସମସ୍ତ ବନ୍ଦୀମାନଙ୍କୁ ମୁକ୍ତ କରି ଦିଆଯାଇଥିଲା । **(The Life of Mahomet by Sir William Muir page-435, Chapter The Hawazinite Prisoners Released, Mahomet Presents Female Slaves to Ali, Othman and Omar London Smith,Elder & CO., 15 Waterloo Place-1878)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣାର ବର୍ଣ୍ଣନା ସ୍ୱୟଂ ଉକ୍ତ ଆପତ୍ତିକୁ ଖଣ୍ଡନ କରିଥାଏ । ଉକ୍ତ ଯୁଦ୍ଧର ଘଟଣାବଳୀର ସମୀକ୍ଷା ଏହା ସୂଚାଏ ଯେ, ପ୍ରାରମ୍ଭରେ ବନ୍ଦୀମାନଙ୍କୁ ନିରୀକ୍ଷଣ କରିବା ନିମନ୍ତେ ସାହାବାମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । କିନ୍ତୁ ତତ୍‌ସହିତ ଏହା ମଧ୍ୟ ସ୍ପଷ୍ଟ ଯେ, ବ୍ୟବସ୍ଥାକୁ ଚୂଡ଼ାନ୍ତ ରୂପ ଦେଇ ସମସ୍ତ ବନ୍ଦୀମାନଙ୍କୁ ହ. ଇବ୍‌ନେ ମସ୍‌ଉଦ୍ ବିନ୍ ଗିଫ୍ଫାରୀଙ୍କ ତତ୍ତ୍ୱବଧାନରେ ଜିରାନା ନାମକ ସ୍ଥାନରୁ ପ୍ରେରଣ କରାଯାଇଥିଲା । ପୁନଶ୍ଚ ଯେତେବେଳେ ତାଏଫରୁ ଫେରି ଆସି ଆପଣ ସ.ଅ ହୱାଜିନ୍ ସଂପ୍ରଦାର ଲୋକମାନଙ୍କ ସହିତ କଥାବାର୍ତ୍ତା କଲେ ସେତେବେଳେ ଆପଣ ସ.ଅ ଅତ୍ୟନ୍ତ ଦୟାମୂଳକ ତାତ୍ତ୍ୱିକପୂର୍ଣ୍ଣ କାର୍ଯ୍ୟ ସହିତ ପ୍ରତ୍ୟେକ ବ୍ୟକ୍ତି ପାଖରେ ଯେଉଁ ବନ୍ଦୀ ରହିଥିଲା ତାହାକୁ ମୁକ୍ତ ବା ସ୍ୱାଧୀନ କରାଇଥିଲେ। ପୂର୍ବ ବର୍ଣ୍ଣିତ ବିବରଣୀରେ ଏହି ସମସ୍ତ ପ୍ରସଙ୍ଗ ବର୍ଣ୍ଣିତ ହୋଇ ସାରିଛି ମୁଁ ପୂର୍ବେ ମଧ୍ୟ ବର୍ଣ୍ଣନା କରିଛି ଏବଂ ପ୍ରସିଦ୍ଧ ପ୍ରାଚ୍ୟତତ୍ତ୍ୱବିତ୍ ମଣ୍ଟଗୋମିରୀ ୱାଟ୍ ଉକ୍ତ ସତ୍ୟତା ସହିତ ଭଲ ଭାବରେ ପରିଚିତ ଅଟେ । କାରଣ ସେ ଏଠାରେ ଉଲ୍ଲେଖ କରନ୍ତି ଯେ, ଏପରି ପ୍ରତିତ ହୁଏ ଯେ, ମୁହମ୍ମଦ ମୁସ୍ତଫା ସ.ଅଙ୍କ ଦୀର୍ଘ କାଳ ପରେ ଶ୍ରୋତାମାନେ ଏପରି କାହାଣୀ (ଘଟଣାରେ) ବିଶିଷ୍ଟ ଦ୍ରବ୍ୟ ବର୍ଣ୍ଣନା କରିଛନ୍ତି କିମ୍ବା ସମ୍ଭବତଃ ଏହି ଘଟଣାବଳୀଗୁଡ଼ିକ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ନିଜସ୍ୱ କୃତ ହୋଇଥାଇପାରେ । **(Muhammad At Medina by W.Montgomery Watt page-73, Chapter The Battle of Hunayn, The Consolidation of Victory Oxford University Press Karachi-2006)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଉ ଏକ ଆପତ୍ତି ମାର୍ଗୋଲିସ୍ ତାଏଫ୍‌ର ଅଧିପତି ମାଲିକ୍ ବିନ୍ ଔଫ୍ ନସ୍‌ରୀ ସଂପର୍କରେ କରିଛି । ଅର୍ଥାତ୍ ମାର୍ଗୋଲିସ୍‌ର କହିବା କଥା କି ମାଲିକ୍ ବିନ୍ ଔଫ୍‌କୁ ଜୋର ଜବରଦସ୍ତ ମୁସଲମାନ କରାଯାଇଥିଲା। **(Mohammed And The Rise of Islam by D.S Margoliouth Page-403, Chapter The Taking of Meccah G.P Putnam's Sons New York and London, The Knickerbocker Press Third Edition)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମାର୍ଗୋଲିସ୍‌ର ଉକ୍ତ ଆପତ୍ତି ସଂପୂର୍ଣ୍ଣ ରୂପେ ଭିତ୍ତିହୀନ ଅଟେ ଏବଂ ପ୍ରାଚ୍ୟତତ୍ତ୍ୱବିତ୍‌ମାନେ ହ. ରସୁଲ୍ କରୀମ୍ ସ.ଅଙ୍କ ଜୀବନୀ ସଂକ୍ରାନ୍ତରେ ସାଧାରଣ ଆଚରଣର ଉଦାହରଣ ଏହିପରି ଯେ, କିପରି ସେହି ରହ୍‌ମତୁଲ୍ ଲିଲ୍ ଆଲମିନ୍ (ସମଗ୍ର ଜଗତ ପାଇଁ କରୁଣା)ଙ୍କ ଦୟା, କରୁଣାର ଘଟଣାବଳୀକୁ ମଧ୍ୟ ଜୋର ଜବରଦସ୍ତ (ବାଧ୍ୟ ଓ ବଳପୂର୍ବକ)ର ରୂପେ ଆଖ୍ୟା ଦିଆଯାଇଥାଏ । ଏହାର ସତ୍ୟତା ସହିତ ଆଦୌ କୌଣସି ସଂପର୍କ ନାହିଁ । ଉକ୍ତ ଘଟଣାର ସବିଶେଷ ବିବରଣୀ ସିରତ୍ ଇବ୍‌ନେ ହିଶ୍ଶାମ୍‌ରେ ଉଲ୍ଲିଖିତ ହୋଇଛି । ଅର୍ଥାତ ରହ୍‌ମତୁଲ୍ ଲିଲ୍ ଆଲମିନ୍ ସ.ଅ ହୱାଜିନ୍ ସଂପ୍ରଦାୟର ଏକ ପ୍ରତିନିଧିର ଅପିଲ୍ (ନିବେଦନ)କୁ ଗ୍ରହଣ କରି କହିଲେ, ସେମାନଙ୍କର ବନ୍ଦୀ ଏବଂ ସେମାନଙ୍କର ଧନସମ୍ପତ୍ତି ସେମାନଙ୍କୁ ଫେରସ୍ତ କରିଦିଅ । ଯେପରିକି ପୂର୍ବେ ବର୍ଣ୍ଣିତ ହୋଇ ସାରିଛି ଯେ, ଆପଣ ସ.ଅ ତାଏଫ୍ ଠାରେ ଉପସ୍ଥିତ ହୱାଜିନ୍ ସଂପ୍ରଦାୟର ଅଧିପତି ମାଲିକ୍ ବିନ୍ ଔଫର ଧାରଣା (କଥା) ମନକୁ ଆସିଲା । ଆପଣ ସ.ଅ ସାହାବାମାନଙ୍କୁ ପଚାରିଲେ ଯେ, ମାଲିକ୍ ବିନ୍ ଔଫର ଆବସ୍ଥା କିପରି ଅଛି ? ତା' ଅବସ୍ଥା ସଂପର୍କରେ ମୋତେ କିଛି କୁହ । ସାହାବାମାନେ ଆପଣ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମାଲିକ୍ ବିନ୍ ଔଫ୍ ସକିଫ୍ ସଂପ୍ରଦାୟରେ ଅଛି । ପ୍ରତ୍ୟୁତ୍ତରରେ ଆପଣ ସ.ଅଙ୍କ ସେହି ଦୟା ଆଉଥରେ ମାଲିକ୍ ବିନ୍ ଔଫ୍ ସପକ୍ଷରେ ପ୍ରକାଶିତ ହେଲା । ଅତଏବ୍ ଆପଣ ସ.ଅ କହିଲେ, ହେ ସାହାବାମାନେ ! ଯାଇ ମାଲିକ୍ ବିନ୍ ଔଫ୍‌କୁ ସୂଚନା ପ୍ରଦାନ କରିଦିଅ ଯେ, ସେ ଯଦି ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନିଏ ତେବେ ତା'ର ପରିବାର ଏବଂ ଧନ ସମ୍ପଦ ତା'କୁ ଫେରସ୍ତ କରିଦିଆଯିବ । ମାଲିକ୍ ବିନ୍ ଔଫ୍‌କୁ 100ଟି ଓଟ ମଧ୍ୟ ପ୍ରଦାନ କରାଯିବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ,ଏଠାରେ ଏକଥା ବିଚାରଯୋଗ୍ୟ ଯେ, ଆଁହଜରତ୍ ସ.ଅ ବିଜୟୀ ଅଟନ୍ତି । କୌଣସି ସ୍ୱାର୍ଥ କିମ୍ବା ମାଲିକ୍ ବିନ୍ ଔଫ୍ ଠାରୁ କିଛି ଜିନିଷର ଆବଶ୍ୟକ ନଥିଲା ଓ କୌଣସି ପ୍ରକାରର ନିୟମାଧୀନ ମାଲିକ୍ ବିନ୍ ଔଫ୍ ସଂପର୍କରେ ଆପଣ ସ.ଅ ଟିକେ ବି ଦାୟୀ ନୁହନ୍ତି । କିନ୍ତୁ ନିଜର ଆଦ୍ୟକାଳୀନ ଦୟାମୂଳକ ଉତ୍ସାହର ସହିତ ମାଲିକ୍ ବିନ୍ ଔଫ୍‌କୁ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ନିମନ୍ତେ ସନ୍ଦେଶ ପ୍ରେରଣ କଲେ ଏବଂ ତା'ର ପରିବାରବର୍ଗ ଓ ଧନ ସମ୍ପଦ ତଥା ପାଳିତ ଜୀବ ପ୍ରଦାନ କରିବାର ପ୍ରତିଶ୍ରୁତି ମଧ୍ୟ ଦେଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ମଧ୍ୟ ଜ୍ଞାତ ହୁଏ ଯେ, ମାଲିକ୍ ବିନ୍ ଔଫ୍ ମନରେ ଇସ୍‌ଲାମ୍ ଧର୍ମ ବସା ବାନ୍ଧି ସାରିଥିଲା । ସୁତରାଂଯେତେବେଳେ ତା'କୁ ଆପଣ ସ.ଅଙ୍କ ଏହି ସନ୍ଦେଶ ପ୍ରାପ୍ତ ହେଲା ସେତେବେଳେ ସେ ଆପଣ ସ.ଅଙ୍କୁ ସାକ୍ଷାତ୍ କରିବା ନିମନ୍ତେ ବାହାରିଲା। ତାଏଫରୁ ବାହାରି ଜିରାନା କିମ୍ବା ମକ୍କାରେ ଆଁହଜରତ ସ.ଅଙ୍କ ସହିତ ଯାଇ ମିଶିଥିଲେ । ମାଲିକ୍ ବିନ୍ ଔଫ୍ ବର୍ତ୍ତମାନ ମୁସଲମାନ ହୋଇ ଯାଇଥିଲେ । ଆପଣ ସ.ଅ ତାଙ୍କୁ ତାଙ୍କର ପରିବାର, ତାଙ୍କର ଧନ ସମ୍ପତ୍ତି ଓ ଅତିରିକ୍ତ 100ଟି ଓଟ ମଧ୍ୟ ପ୍ରଦାନ କଲେ ଏବଂ ସେ ଇସଲାମ୍ ଧର୍ମ ସ୍ୱୀକାର କରିନେଲେ । ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ସମୟରେ ସେ କବିତା ମଧ୍ୟ କହିଥିଲେ । ସେହି କବିତା ମଧ୍ୟରେ ଗୋଟିଏ କବିତା ଏହିପରି ଥିଲା ଯେ,

مَا إِنْ رَأَيْتُ وَلَا سَمِعْتُ بِمِثْلِهِ     فِي النَّاسِ كُلِّهِمِ بِمِثْلِ مُحَمَّدٍ

ଅର୍ଥାତ୍ ମୁଁ ସମସ୍ତ ଲୋକମାନଙ୍କ ମଧ୍ୟରେ ମୁହମ୍ମଦ୍ ସ.ଅଙ୍କ ପରି ବ୍ୟକ୍ତି ନା କେବେ ଦେଖିଛି ଓ ନା ହିଁ କେବେ ଆପଣଙ୍କ ମର୍ଯ୍ୟାଦା ତଥା ଆପଣ ସ.ଅଙ୍କ ସ୍ତର ତୁଲ୍ୟ ବ୍ୟକ୍ତି କେବେ ଦେଖିବି । **(ଅସ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ୍, ପୃ-797, ବାବ୍- ଅମରା ଅମ୍‌ୱାଲି ହୱାଜିନ୍ ୱ ସିବ୍‌ୟାହା...........ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ 2001 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତେବେ ଏହା ଥିଲା ହୁନୈନ୍ ଯୁଦ୍ଧର ସଂପୂର୍ଣ୍ଣ ଘଟଣାବଳୀ । ଏହାର ଅବଶିଷ୍ଟାଂଶ ସରିୟା (ଯୁଦ୍ଧ) ଇନ୍‌ଶାଅଲ୍ଲାଃ ବର୍ଣ୍ଣନା କରିବି।

ବର୍ତ୍ତମାନ ମୁଁ କେତେକ ମୃତ ବ୍ୟକ୍ତିମାନଙ୍କ ଉତ୍ତମ ଚର୍ଚ୍ଚା କରିବାକୁ ଚାହୁଁଛି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଜୁମା ନମାଜ୍ ପରେ ମୁଁ ଏହି ମୃତକମାନଙ୍କର ନମାଜ୍ ଯନାଜାଃ ଗାଏବ୍ ମଧ୍ୟ ପାଠ କରାଇବି । ପ୍ରଥମ ଚର୍ଚ୍ଚା ହେଉଛି ଶ୍ରୀଯୁକ୍ତ ଲଇକ୍ ଅହମଦ ଫର୍ଖ ସାହେବଙ୍କର । ଆପଣ କାନାଡ଼ାରେ ଥିଲେ ଏବଂ କାନାଡ଼ାରେ ଆପଣଙ୍କର ବିୟୋଗ ହୋଇଥିଲା । ସେ ଅନେକ ବର୍ଷ ଧରି ଜଣେ ୱାକ୍‌ଫେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ) ଡାକ୍ତର ରୂପେ ଆଫ୍ରିକାରେ ସେବା ସମ୍ପାଦନ କରିଛନ୍ତି । ବିଗତ ଦିନରେ 83 ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ସ୍ୱର୍ଗତ ଲଇକ୍ ସାହେବ ଓସିୟତ୍‌କାରୀ ଥିଲେ । ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ ପତ୍ନି, ଗୋଟିଏ ପୁତ୍ର ସନ୍ତାନ ଏବଂ 2ଟି କନ୍ୟା ସନ୍ତାନ ଅନ୍ତର୍ଭୁକ୍ତ ଅଟନ୍ତି । ମଜ୍‌ଲିସ୍ ନୁସ୍ରତ୍ ଯାହାଁ ଅଧୀନ 1974 ମସିହାରେ ଆପଣଙ୍କୁ ଘାନା ପ୍ରେରଣ କରାଯାଇଥିଲା । 1978 ପର୍ଯ୍ୟନ୍ତ ଆପଣ ସେଠାରେ ସେଣ୍ଟ୍ରାଲ୍ ହସ୍ପିଟାଲ୍‌ରେ ସେବା ସମ୍ପାଦନ କରିଥିଲେ । ତିନି ବର୍ଷ ୱକ୍‌ଫ୍ ସଂପୂର୍ଣ୍ଣ କରିବା ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ନରହିବା ଯୋଗୁଁ ସେ ଛୁଟି ଚାହିଁଲେ, ତେବେ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ ତାଙ୍କୁ ଅତିରିକ୍ତ 1 ବର୍ଷ କାମ କରିବା ନିମନ୍ତେ କହିଲେ, ସ୍ୱର୍ଗତଙ୍କ ପାଖକୁ ଅତ୍ୟନ୍ତ ଜଟିଳ କେସ୍ ଆସୁଥିଲା । ଆପଣ ପାଖକୁ କର୍କଟ ରୋଗୀ ଯେତେବେଳେ ଆସୁଥିଲେ ସେତେବେଳେ ଆପଣ ଅନ୍ୟ ହସ୍ପିଟାଲକୁ ରେଫର୍ କରି ଦେଉଥିଲେ । ଅର୍ଥାତ୍ ଆପଣ ସରକାରୀ ହସ୍ପିଟାଲ୍‌କୁ ରେଫର୍ କରି ଦେଉଥିଲେ ଏବଂ କହୁଥିଲେ ଯେ, ସରକାରୀ ଡାକ୍ତରଖାନାକୁ ନେଇ ଯାଆନ୍ତୁ । ରୋଗୀ କହୁଥିଲା ଯେ, ନାହିଁ ନାହିଁ । ମୁଁ ଯଦି ଚିକିତ୍ସା ବା ଉପଚାର କରାଇବି ତେବେ ଅହମଦିୟା ହସ୍ପିଟାଲ୍‌ରୁ ଏବଂ ଅହମଦି ଡାକ୍ତରମାନଙ୍କ ଠାରୁ ହିଁ କରାଇବି । ଅଲ୍ଲାଃତାଲାଙ୍କ କୃପାରୁ ଏପରି ଅନେକ ଅସ୍ତ୍ରୋପଚାର ହେଲା ଯାହା ସଫଳ ମଧ୍ୟ ହୋଇଥିଲା । ଅର୍ଥାତ୍ ଏପରି କେସ୍ ତଥା ରୋଗୀମାନେ ରହୁଥିଲେ ଯେ, ଯେଉଁ ରୋଗୀମାନଙ୍କର ବଞ୍ଚିବାର ଆଶା ମଧ୍ୟ ରହୁ ନଥିଲା, ସେ କ୍ଷେତ୍ରରେ ମଧ୍ୟ ଅଲ୍ଲାଃତାଲାଙ୍କ କୃପାରୁ ଏପରି ଅନେକ ସଫଳ ଅସ୍ତ୍ରୋପଚାର ହେଉଥିଲା । ସେ ଯାହା ହେଉ ସେହିପରି ଏକ କେସ୍ ଆସିଲା ଯାହାର ନାମ Strangulated ହାର୍ନିୟା ଥିଲା । ଅତ୍ୟନ୍ତ ଜଟିଳ କେସ ଥିଲା । ସେହି କେସ୍‌କୁ ଆପଣ ହ୍ୟାଣ୍ଡେଲ୍ କରିଥିଲେ ଏବଂ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ ମଧ୍ୟ କଲେ । ଅଲ୍ଲାଃତାଲା ଅପରେସନ୍‌କୁ ସଫଳ କଲେ । 1984 ମସିହାରେ ଆପଣଙ୍କୁ ପୁନଃ ଆଫ୍ରିକା ସ୍ଥିତ ଗ୍ୟାମ୍ବିଆକୁ ପ୍ରେରଣ କରାଗଲା ଓ 1993 ମସିହା ପର୍ଯ୍ୟନ୍ତ ଆପଣ ସେଠାରେ ନିଜକୁ ୱକ୍‌ଫ୍ କରିଥିଲେ ଏବଂ ଅତ୍ୟନ୍ତ ଉତ୍ସର୍ଗୀକୃତତାର ସହିତ ସେବା କଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କ ପୁତ୍ର ନିଜ ପିତାଙ୍କ ସଂପର୍କରେ ଉଲ୍ଲେଖ କରିଛନ୍ତି ଏବଂ ଅନେକ କଥା ସେ ଠିକ୍ ମଧ୍ୟ ଉଲ୍ଲେଖ କରିଛନ୍ତି । ସେ କୁହନ୍ତି ଯେ, "ପିତାଶ୍ରୀ ଜଣେ ନୀରବ ସ୍ୱଭାବର ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଦୁଆକାରୀ, ବିନୀତ ଏବଂ ବିନମ୍ର ଓ ଧୈର୍ଯ୍ୟ ଅବିଚଳ ସ୍ୱଭାବର ଉଦାହରଣ ଥିଲେ । ଆପଣ ନିଜର ସମଗ୍ର ଜୀବନକୁ ମାନବ ସେବାରେ ଅତିବାହିତ କରି ଦେଇଥିଲେ । ୱକ୍‌ଫ ସମୟ ମଧ୍ୟରେ ବିଶେଷ କରି ଗ୍ୟାମ୍ବିଆର ଛୋଟ ଏବଂ ପଛୁଆ ଗ୍ରାମ ଏଙ୍ଗୋୱାର ଠାରେ ପରିସ୍ଥିତି ଅତ୍ୟନ୍ତ କଷ୍ଟକର ଥିଲା । ଖାଇବା ପିଇବା ପାଇଁ କିଛି ବି ଜିନିଷ ଉପଲବ୍ଧ ରହୁ ନଥିଲା (ମିଳୁ ନଥିଲା), ଗରମ ମଧ୍ୟ ହେଉଥିଲା, ଇଲେକ୍ଟ୍ରି ଏବଂ ଜଳ ଇତ୍ୟାଦି କିଛି ବି ସୁବିଧା ଉପଲବ୍ଧ ନଥିଲା । କିନ୍ତୁ ସେଠାରେ ଆପଣ ସେବା କରୁଥିଲେ । ଫର୍ଖ ସାହେବଙ୍କ ସୁପୁତ୍ର କୁହନ୍ତି ଯେ, ମୁଁ ଅସୁସ୍ଥ ଥିଲି ଏବଂ ମୋ ଗୋଡ଼ ଦଦ୍‌ରା ହୋଇଯାଇଥିଲା । ତେବେ ପିତାଶ୍ରୀ ମୋତେ କୋଳରେ ଉଠାଇ ବିଦ୍ୟାଳୟକୁ ନେଇ ଯାଉଥିଲେ । ଗାଡ଼ିରେ ବସାଇ ସେଠାକାର ବିଦ୍ୟାଳୟରେ ଛାଡ଼ି ଦେଉଥିଲେ । କିନ୍ତୁ ପିତାଶ୍ରୀ କେବେ ବି କୌଣସି ଅଭିମାନ କି ଅଭିଯୋଗ କରି ନାହାନ୍ତି । ଯେତେବେଳେ ହ. ଖଲିଫତୁଲ୍ ମସିହ୍ ରାବେ ର.ଅ 1988 ମସିହାରେ ସେଠାରେ ଗସ୍ତ କଲେ ସେତେବେଳେ ବିଶେଷ ରୂପେ ଖଲିଫା ରାବେ ସ୍ୱର୍ଗତ ଡାକ୍ତର ସାହେବଙ୍କ ଘରକୁ ଗଲେ ଏବଂ ସେଠାରେ ଘରେ ବସିବା ନିମନ୍ତେ ଚୌକି ମଧ୍ୟ ନଥିଲା । କିନ୍ତୁ ହୁଜୁର ର.ଅ କହିଲେ, ମୁଁ ଆପଣଙ୍କ ସହିତ ଆହର ଖାଇବି । ହୁଜୁର ର.ଅ ଅନ୍ୟ ଷ୍ଟାଫ୍‌ମାନଙ୍କୁ କହିଲେ, ଆପଣମାନେ ଦୟାକରି ବାହାରକୁ ଯାଆନ୍ତୁ । ପିତାଶ୍ରୀ କୁହନ୍ତି ଯେ, ଏହା ତାଙ୍କ ପାଇଁ ବହୁତ ବଡ଼ ସମ୍ମାନ ଓ ମର୍ଯ୍ୟାଦା ଥିଲା । ଅଏତଏବ୍ ଏହା ଆମମାନଙ୍କ ନିମନ୍ତେ ବଡ଼ ସୌଭାଗ୍ୟ ଥିଲା। ଲାହୋର ଠାରେ ଚାକିରୀ କରିଥିବା ସମୟରେ ଏକ ଘଟଣା ଘଟିଥିଲା । ସେଥି

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُونِ

(ଅଜ୍ ଜାରିୟାତ୍: 57)

**ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

**ତାଲିବେ ଦୁଆ:** Akhtara Begum & Family,
B.D.A, Bhubaneshwar (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَإِنَّ الذِّكْرَىٰ تَنْفَعُ الْمُؤْمِنِينَ

(ଅଜ୍ ଜାରିୟାତ୍: 56)

**ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ- ଲାଭ ଦେଇଥାଏ ।**

**ତାଲିବେ ଦୁଆ:**Shamim Ahmad, S/o- Late Sk Abdul Gaffar & Jamila Sahiba, Jamat Ahmadiya Kotpalla (Odisha)

ସଂକ୍ରାନ୍ତରେ ସ୍ୱର୍ଗତ ଡାକ୍ତରେ ଫର୍ଖ ସାହେବ ବର୍ଣ୍ଣନା କରନ୍ତି ଯେ, ମୋର ରକ୍ତଚାପ ହ୍ରାସ ପାଇଥିଲା ଏବଂ ମୁଁ ଟେବୁଲ୍ ଉପରେ ଶୋଇ ପଡ଼ିଲି । ମୋତେ ଏହା ଲାଗୁଥିଲା ଯେ, ମୁଁ ଆଉ ବଞ୍ଚିବିନି । ମୋର ମୃତ୍ୟୁ ହୋଇଯିବ । ଡାକ୍ତରମାନେ ମଧ୍ୟ ନିଜ ଉପରେ ସନ୍ଦେହ ପ୍ରକାଶ କରନ୍ତି ଏବଂ ସେମାନଙ୍କୁ ଜ୍ଞାତ ମଧ୍ୟ ହୋଇଯାଏ ଯେ, ରୋଗୀ ମୃତ୍ୟୁ ବରଣ କରିବ ଅବା ନୁହେଁ । ଇତି ମଧ୍ୟରେ ଆପଣଙ୍କୁ (ଡାକ୍ତର ଫର୍ଖ ଅହମଦ ସାହେବଙ୍କୁ) ଏକ ସ୍ୱର ଶୁଭିଲା । ତାହା ଏହା ଥିଲା ଯେ, ବର୍ତ୍ତମାନ ଶେଷ ସମୟ ଆସି ନାହିଁ । କାନାଡ଼ା ଯିବା ପରେ ସେହି ଶେଷ ସମୟ ଆସିବ । ଏହାପରେ ଅଲ୍ଲାଃତାଲା ଅତ୍ୟନ୍ତ ପୂର୍ଣ୍ଣତାର ସହିତ ଅନେକ ବର୍ଷ ପରେ ଉକ୍ତ ଘଟଣାକୁ ସେଠାରେ ଅର୍ଥାତ୍ କାନାଡ଼ାରେ ସଂପୂର୍ଣ୍ଣ କରିଥିଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକଦା ଯେତେବେଳେ ସ୍ୱର୍ଗତ ଲଇକ୍ ଫର୍ଖ ସାହେବ ଘାନାରୁ ଫେରିଥିଲେ ସେତେବେଳେ 1978 ମସିହାରେ ତାଙ୍କ ଜମାଅତ୍‌ର ପ୍ରତିନିଧିମଣ୍ଡଳ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କୁ ଭେଟିବା ନିମନ୍ତେ ଗଲା । ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ କହିଲେ, ଡାକ୍ତର ସାହେବ ଆପଣ ଫେରି ଆସିଛନ୍ତି । ମୁଁ ଆପଣଙ୍କୁ ପୁନଃ ସେଠାକୁ ପ୍ରେରଣ କରିବି ଯେଉଁଠାରୁ ଆପଣ ଆସିଛନ୍ତି । ଅତଏବ୍ ଡାକ୍ତର ସାହେବ କୁହନ୍ତି ଯେ, ମୁଁ ବୁଝିପାରି ନଥିଲି । କାରଣ ମୁଁ ଆଉଥରେ ନିଜକୁ ୱକ୍‌ଫ୍ (ଉତ୍ସର୍ଗ) କରୁ ନଥିଲି । କିନ୍ତୁ 1983 ମସିହାରେ ରବ୍‌ୱାର ସେକ୍ରେଟାରୀ ନୁସ୍‌ରତ୍ ଯାହାଙ୍କର ପତ୍ର ପ୍ରାପ୍ତ ହେଲା । ସେହି ପତ୍ରରେ ଉଲ୍ଲେଖ ରହିଥିଲା ଯେ, ଆପଣଙ୍କର (ଡାକ୍ତର ସାହେବଙ୍କର) ନିଯୁକ୍ତି ବିଚାରାଧୀନ ରହିଛି, ତେଣୁ ଆପଣ ଆସନ୍ତୁ । ସୁତରାଂ 1984 ମସିହାରେ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ ସ୍ୱର୍ଗତ ଡାକ୍ତର ସାହେବଙ୍କୁ ପୁନଃ ଆଫ୍ରିକା ଅନ୍ତର୍ଗତ ଗ୍ୟାମ୍ବିଆ ଠାକୁ ପ୍ରେରଣ କଲେ । ଡାକ୍ତର ସାହେବ କୁହନ୍ତି ଯେ, ଏକଥା ମୋତେ ବଡ଼ ବିଚିତ୍ର ଲାଗିଲା, ମୋ ପାଇଁ ଏହା ଚମତ୍କାର ଥିଲା । କାରଣ ଖଲିଫା ଗୋଟିଏ କଥା କହିଲେ, ଅନ୍ୟ ଜଣେ ସେହି କଥାକୁ ସାକାର କରିଦେଲେ । ଘାନାର ପୂର୍ବତନ ଅମୀର୍ ସ୍ୱର୍ଗତ ୱାହାବ୍ ଆଦମ୍ ସାହେବ କହୁଥିଲେ ଯେ, ଡାକ୍ତର ଲଇକ୍ ଅହମଦ ଫର୍ଖ ସାହେବ ଯେତେବେଳେ ବି କୌଣସି ରୋଗୀର ଅତ୍ୟନ୍ତ ଗମ୍ଭୀର ଅବସ୍ଥା ଦେଖୁଥିଲେ ସେତେବେଳେ ଆପଣ ତୁରନ୍ତ ନଫିଲ୍ ନମାଜ ପାଠ କରିବାକୁ ଲାଗି ଯାଉଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁଁ ମଧ୍ୟ ସ୍ୱର୍ଗତ ଡାକ୍ତର ଲଇକ୍ ଅହମଦ ସାହେବ ଫର୍ଖଙ୍କ ଘାନା ଅବସ୍ଥାନ କାଳରେ ଘାନାରେ ଥିଲି । ମୁଁ ତାଙ୍କର ସହିତ ସମୟ ଅତିବାହିତ କରିଛି । ମୁଁ ତାଙ୍କୁ ଦେଖିଛି ଯେ, ଆପଣ ଅତ୍ୟନ୍ତ ଶିଷ୍ଟ ସ୍ୱଭବାର ବ୍ୟକ୍ତି, ବିନୀତ ଏବଂ ଜଣେ ସେବାକାରୀ ବ୍ୟକ୍ତି ଥିଲେ । ଆପଣ ଉତ୍ସର୍ଗୀକୃତ ଜୀବନଙ୍କୁ ବେଶ୍ ସମ୍ମାନ ଜଣାଉଥିଲେ । ଅତିଥି ସତ୍କାରକ ଗୁଣ ତାଙ୍କ ଠାରେ ଠୁଳ ହୋଇ ରହିଥିଲା । କେବଳ ସେତିକି ନୁହେଁ ବରଂ ଉଭୟ ସ୍ୱାମୀ ସ୍ତ୍ରୀ ଅତିଥି ସତ୍କାରକ ଅଟନ୍ତି । ସ୍ୱର୍ଗତଙ୍କର ଏପରି ଆହୁରି ଅନେକ ବିଶେଷତା ରହିଥିଲା ଯେ, ସେହି ସବୁ ବିଶେଷତା ଖୁବ୍ କ୍ୱଚିତ୍ (କମ୍) ଲୋକଙ୍କ ମଧ୍ୟରେ ଦେଖିବାକୁ ମିଳେ। ହୁଜୁର ଅନ୍‌ୱର୍ ଅ.ବ କହିଲେ, ଦାଉଦ୍ ହନିଫ୍ ସାହେବ ଯେକି ଆଜିକାଲି ଯାମିୟା ଅହମଦିୟା କାନାଡ଼ାର ପ୍ରିନ୍ସିପାଲ୍ ଅଟନ୍ତି, ସେ ପୂର୍ବେ ଗ୍ୟାମ୍ବିୟାରେ ଜମାଅତର ଅମୀର୍ ହେଉଥିଲେ ସେ କୁହନ୍ତି, ସ୍ୱର୍ଗତ ଡାକ୍ତର ସାହେବ ସର୍ବଦା ମାନବ ସେବା ନିମନ୍ତେ ତତ୍ପର ଓ ପ୍ରସ୍ତୁତ ରହୁଥିଲେ । ସେ ନା ଦିନ ଦେଖୁଥିଲେ ଓ ନା ରାତି ଦେଖୁଥିଲେ । ସେ କେବଳ ଏହା ଦେଖୁଥିଲା ଯେ, କେହି ବିପଦାଗ୍ରସ୍ତ ବ୍ୟକ୍ତି ରହିଛି ଯେ, ମୁଁ ସେହି ବିପଦାଗ୍ରସ୍ତ ବ୍ୟକ୍ତିର ସେବା କରିଦେବି । ଯେଉଁ ଅଞ୍ଚଳର ହସ୍ପିଟାଲ୍‌ରେ ସ୍ୱର୍ଗତଙ୍କୁ ନିଯୁକ୍ତ କରାଯାଇଥିଲା ସେହି ଅଞ୍ଚଳଟି ବହୁତ ଛୋଟିଆ ଅଞ୍ଚଳ ଥିଲା । ଦୁଇ ଥର ପାଳି କରି ସେଠାକୁ ଯିବାକୁ ପଡୁଥିଲା ଏବଂ ତାଙ୍କର ରହଣୀ ମଧ୍ୟ ଏକ ପୁରୁଣା ପରିତ୍ୟକ୍ତ ଷ୍ଟୋର୍‌ରେ ଥିଲା । ସେହି ଷ୍ଟୋର୍‌କୁ ସେ ସଫା କରି ଘର ରୂପେ ଷ୍ଟୋରକୁ ପୁନଃ ନିର୍ମାଣ କରାଯାଇଥିଲା। କିନ୍ତୁ ସ୍ୱର୍ଗତ ମହୋଦୟ ସେଠାରେ ଅତ୍ୟନ୍ତ ଆନନ୍ଦର ସହକାରେ ରହିଲେ । ନା ବିଦ୍ୟୁତ ଥିଲା, ନା ଜଳ ଥିଲା, ନା ଟେଲିଫୋନ୍ ଥିଲା । କୂପ କିମ୍ବା ନଈକୁ ଯାଇ ପାଣି ଆଣିବାକୁ ପଡୁଥିଲା । ମହମବତୀ ଲଣ୍ଠନ ବ୍ୟବହାର କରାଯାଉଥିଲା । ଅସ୍ତ୍ରୋପଚାର ପ୍ରାୟତଃ ଦିନବେଳା ସୂର୍ଯ୍ୟାଲୋକରେ କରୁଥିଲେ ଏବଂ ନିଜ ଅସ୍ତ୍ରୋପଚାରର ଯେଉଁ ଉପକରଣ ଥିଲା ଗ୍ୟାସ୍ ଚୁଲିରେ ଷ୍ଟିରିଲାଇଜ୍ କରି ନେଉଥିଲେ । ଏପରି ପରିସ୍ଥିତିରେ ମଧ୍ୟ ଆପଣ ସେବା କରୁଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଜିକାଲି ତ' ଡାକ୍ତରେମାନେ ଏହାକୁ (ଏପରି ଫ୍ୟାସିଲିଟି) ସ୍ୱୀକାର କରିବାକୁ କଦାପି ପ୍ରସ୍ତୁତ ଓ ରାଜି ହେବେ ନାହିଁ। କ'ଣ ସେମାନଙ୍କୁ ଏହା ଜଣା ଯେ, ଏହା କିପରି ହୋଇଥାଏ । ସ୍ୱର୍ଗତ ଡାକ୍ତର ମହୋଦୟ ସେହିଠାରେ ଅବସ୍ଥାନ କରୁଥିଲେ ଯେ, ଏକଦା ଚୋରମାନେ ଏକ ଘରେ ଡକାୟତି କଲେ ଏବଂ ଲୋକମାନେ କୋଳାହଳ କରିବାକୁ ଲାଗିଲେ । ଲୋକମାନେ ଚୋରମାନଙ୍କୁ ଘେରିନେଲେ । ଫଳତଃ ସେମାନେ ନିଜର ଏକ କଟ୍‌ଲସ୍ ନାମକ ଖଡ଼ଗ ପରି ଦିଶୁଥିବା ଏକ ଧାରୁଆ ଅସ୍ତ୍ର ବାହାର କରି ଜଣେ ବ୍ୟକ୍ତି ଉପରେ ପ୍ରହାର କରିଦେଲେ । ଫଳତଃ ଜଣେ ବ୍ୟକ୍ତି ଗଭୀର ଭାବରେ ଆହତ ହୋଇଗଲା । ତୁରନ୍ତ ରାତ୍ର ସମୟରେ ଡାକ୍ତର ସାହେବଙ୍କୁ ଡକାଗଲା । ଡାକ୍ତର ସାହେବ ତୁରନ୍ତ ଅସ୍ତ୍ରୋପଚାର କଲେ ଏବଂ ନିଜର ଟର୍ଚ୍ଚ ଲାଇଟ୍ ଓ ମହମ୍ବତୀର ଆଲୁଅରେ ସେହି ଆହତ ବ୍ୟକ୍ତିର ଅପ୍ରେସନ କଲେ । ଆଜି ସେହି ଅସ୍ତ୍ରୋପଚାର ସଂପର୍କରେ ଅର୍ଥାତ୍ କିପରି ଟର୍ଚ୍ଚ ଓ ମହମବତୀର ଆଲୁଅରେ ହୋଇଥିଲା ସେ ସଂପର୍କେ କେହି ବି ଭାବି ପାରିବ ନାହିଁ । ଅଲ୍ଲାଃତାଲାଙ୍କ କୃପାରୁ ଅସ୍ତ୍ରୋପଚାର ସଫଳ ହେଲା ଏବଂ ସେହି ରୋଗୀ ବଞ୍ଚିଗଲା । ଏକଦା ଜଣେ ଗରିବ ଲୋକ ଡାକ୍ତର ସାହେବଙ୍କ ପାଖକୁ ଆସିଲା, ସେ କହୁଥିଲା ଯେ, ଡାକ୍ତର ସାହେବ ! ମୋର ଗାଁ ବହୁତ ଦୂରରେ ଅଛି । ଗାଡ଼ି ଖର୍ଚ୍ଚ ମଧ୍ୟ ମୋ ପାଖରେ ନାହିଁ । ମୁଁ ଗାଡ଼ି କରି ରୋଗୀକୁ ଏଠାକୁ ଆଣି ପାରିବି ନାହିଁ । ତେଣୁ ଆପଣ ଟିକେ ଦୟା କରନ୍ତୁ ଓ ମୋ ରୋଗୀକୁ ଟିକେ ଦେଖି ନିଅନ୍ତୁ । ସେ (ଡାକ୍ତର ସାହେବ) ସେହି ସମୟରେ ହିଁ ସେହି ବ୍ୟକ୍ତି ସହିତ ବାହାରି ପଡ଼ିଲେ ଏବଂ ରୋଗୀକୁ ଦେଖିଲେ ଓ ତା'ର ଉପଚାର କଲେ । ଫଳତଃ ରୋଗୀ ଜଣକ ସୁସ୍ଥ ହୋଇଗଲା । ସେହି ଆଞ୍ଚଳର ଯେଉଁ ସାଂସଦ ରହିଥିଲେ ତାଙ୍କୁ ଯେତେବେଳେ ଉକ୍ତ କଥା ଜ୍ଞାତ ହେଲା ଯେ, ଡାକ୍ତର ସାହେବଙ୍କ ଚିକିତ୍ସା ଫଳରେ ଜଣେ ରୋଗୀ ସୁସ୍ଥ ହୋଇଯାଇଛି ସେତେବେଳେ ସାଂସଦ ଜଣକ ଡାକ୍ତର ସାହେବଙ୍କ କୃତଜ୍ଞତା ଜ୍ଞାପନ କରିବା ନିମନ୍ତେ ଡାକ୍ତର ସାହେବଙ୍କ କ୍ଲିନିକ୍‌କୁ ଆସିଲେ ଏବଂ ଯେତେବେଳେ ବି ସାଂସଦ ଡାକ୍ତର ଖାନାକୁ ଆସୁଥିଲେ ସେତେବେଳେ ସେ ଡାକ୍ତର ସାହେବଙ୍କୁ ଭେଟିବା ନିମନ୍ତେ ଅବଶ୍ୟ ଆସୁଥିଲେ ଓ ଉକ୍ତ କଥାର ପରିପ୍ରକାଶ କରୁଥିଲେ ଯେ, ଡାକ୍ତର ସାହେବ ଆପଣ ହିଁ ପ୍ରକୃତ ଅର୍ଥରେ ମାନବ ସେବା କରୁଛନ୍ତି। ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ, ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ସ୍ୱର୍ଗତଙ୍କ ମାତା, ପତ୍ନି ଏବଂ ସନ୍ତାନ ସନ୍ତତିମାନଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । **ଆମିନ୍ ।**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଦ୍ୱିତୀୟ ଯନାଜାଃ ହେଉଛି ଇଣ୍ଡିୟା ହାଇଦ୍ରାବାଦ୍‌ର ସ୍ୱର୍ଗତ ହମିଦ୍ ଅହମଦ୍ ଗୌରୀ ସାହେବଙ୍କର । ଆପଣଙ୍କର ମଧ୍ୟ ବିଗତ ଦିନ 70 ବର୍ଷ ବୟସରେ ପରଲୋକ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ସ୍ୱର୍ଗତ ମହୋଦୟ ମୂସି (ଓସିତ୍‌କାରୀ) ଥିଲେ । ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ ପତ୍ନି, ଗୋଟିଏ କନ୍ୟା ସନ୍ତାନ ଏବଂ ଚାରି ଜଣ ପୁତ୍ର ସନ୍ତାନ ଓ ପୌତ୍ର ପୌତ୍ରୀମାନେ ଅଛନ୍ତି । ସମସ୍ତ ସନ୍ତାନ ସନ୍ତତି କୌଣସି ନା କୌଣସି ରୂପରେ ଜମାଅତ୍‌ର ସେବା କରୁଛନ୍ତି । ସ୍ୱର୍ଗତ ମହୋଦୟ ଇନାମ୍ ଗୌରୀ ସାହେବଙ୍କ ସାନ ଭାଇ ଥିଲେ । ସ୍ୱର୍ଗତ ମହୋଦୟ ଶ୍ରୀଯୁକ୍ତ ସମଦ୍ ଗୌରୀ ସାହେବ ମୁବଲ୍ଲିଗ୍ ସିଲସିଲା ଏବଂ ଅଲବାନିୟାର ସଦର୍ ଜମାଅତ୍‌ଙ୍କ ପିତା ଥିଲା । ସ୍ୱର୍ଗତ ମହୋଦୟ ନମାଜ୍ ଓ ରୋଜାର ନିୟମାନୁବର୍ତ୍ତୀ ଥିଲେ । ଆପଣ ନମାଜ୍ ତହଜ୍ଜୁଦର ନିୟମାନୁବର୍ତ୍ତୀ ଥିଲେ । ଆପଣ ପବିତ୍ର କୁରଆନ୍ କରୀମ୍ ପାଠ କରିବାକୁ ବହୁତ ଭଲ ପାଉଥିଲେ ଏବଂ ଦିନ ରାତି ପବିତ୍ର କୁରଆନ୍ କରୀମ୍ ପାଠ କରୁଥିଲେ । ଆପଣ ପବିତ୍ର କୁରଆନ୍ କରୀମ୍ ମୁଖସ୍ତ କରିବାକୁ ମଧ୍ୟ ପ୍ରୟାସ କରୁଥିଲେ । ଯେପର୍ଯ୍ୟନ୍ତ ଆପଣଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ଓ ସ୍ଥିର ରହିଥିଲା ସେପର୍ଯ୍ୟନ୍ତ ଆପଣ ନୱାଫିଲ୍ ପାଠ କରିବା ପରେ ଫଜର୍ ନମାଜ୍ ପୂର୍ବରୁ ମହଲ୍ଲାରେ ଅହମଦି ଘରମାନଙ୍କରେ ଯାଇ ନମାଜ୍ ପାଠ କରିବା ନିମନ୍ତେ ମସ୍‌ଜିଦ୍ ଯାଉଥିଲେ। ଫଜର୍ ନମାଜ୍‌ରେ ଆପଣ ଲୋକମାନଙ୍କୁ ଡାକୁଥିଲେ । ଆପଣଙ୍କୁ ହଜ୍ ଓ ଉମ୍ରାହ୍ କରିବାର ସୌଭାଗ୍ୟ ମଧ୍ୟ ଅର୍ଜନ ହୋଇଥିଲା । ଆପଣଙ୍କର ଏହି ପ୍ରୟାସ ରହୁଥିଲା ଯେ, ମୁଁ ଏହାକୁ କାର୍ଯ୍ୟକାରୀ କରିବି । କାରଣ ଆପଣ ଯେତେବେଳେ ଜମାଅତ୍‌ରେ ଖୁତ୍‌ବା ଦେଉଥିଲେ ସେତେବେଳେ କହୁଥିଲେ ଯେ, ପ୍ରଥମେ ମୁଁ ନିଜେ କାର୍ଯ୍ୟକାରୀ କରିବି ଓ ତା' ପରେ ଜମାଅତ୍‌କୁ କହିବି । ତତ୍ପରେ ଆପଣ ଅଲ୍ଲାଃତାଲାଙ୍କ କୃପାରୁ ସଫଳ ମଧ୍ୟ ହେଉଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ମହୋଦୟ ହୋମିଓପାଥି ଚିକିତ୍ସା ମଧ୍ୟ କରୁଥିଲେ । ଆପଣ ନିଜ ଘରେ ଔଷଧର ଭଣ୍ଡାର ରଖିଥିଲେ । ଆପଣ ରୋଗୀମାନଙ୍କୁ ମାଗଣା ଔଷଧ ବିତରଣ କରୁଥିଲେ । ଆର୍ଥିକ ବଳିଦାନରେ ମଧ୍ୟ ଆପଣ ନିମଜ୍ଜିତ ରହୁଥିଲେ । ତାଙ୍କର ଜଣେ ସଂପର୍କୀୟ ମୋତେ କହିଲା ଯେ, ମୋର ହିସ୍ସା ଆମଦ୍‌ର ଚାନ୍ଦା ବହୁତ ବାକି ରହିଯାଇଥିଲା ତେବେ ସ୍ୱର୍ଗତ ମହୋଦୟ ସେକ୍ରେଟାରୀ ମାଲ୍ ପାଖକୁ ଗଲେ ଏବଂ ମୋ ତରଫରୁ ସେ ନିଜ ପକେଟରୁ ମୋର ଚାନ୍ଦା ପୈଠ କରିଦେଲେ। ଏତଦ୍‌ପରେ ସେ ମୋତେ ସତର୍କ କଲେ ଯେ, ଦେଖ ଭବିଷ୍ୟତରେ ଆଉଁ ଯେପରି ତୁମର ଚାନ୍ଦା ବାକି ନରହୁ । ଆଗ ଚାନ୍ଦା ଦିଅ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ସଂପର୍କୀୟମାନଙ୍କ ପ୍ରତି ଖୁବ୍ ଉତ୍ତମ ଆଚରଣ ପ୍ରଦର୍ଶ କରୁଥିଲେ ଏବଂ ବାରମ୍ବାର ନିଜର ସଂପର୍କୀୟମାନଙ୍କୁ ଘରେ ଏକତ୍ରିତ କରୁଥିଲେ ଓ ସେମାନଙ୍କର ସୁଖ ଦୁଃଖରେ ସାମିଲ୍ ହେଉଥିଲେ । ମର୍କଜି (କେନ୍ଦ୍ରୀୟ) ପ୍ରତିନିଧି ଏବଂ ମୁବଲ୍ଲିଗିନମାନଙ୍କୁ ବହୁତ ସମ୍ମାନ ଜଣାଉଥିଲେ । ଆପଣ ହାଇଦ୍ରାବାଦ୍‌ର ନାଏବ୍ ଅମୀର୍ ଏବଂ ସେକ୍ରେଟାରୀ ତାଲିମୁଲ୍ କୁର୍‌ଆନ୍ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ ଓ ଆପଣ ନିଜ ହଲ୍‌କାର ସଦର୍ ମଧ୍ୟ ରହିଥିଲେ । ଆପଣ ନାଜିମ୍ ଅନ୍‌ସାରୁଲ୍ଲାଃ ମଧ୍ୟ ରହିଥିଲେ । ଆପଣ ନାଏବ୍ ସଦର୍ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଜୁନୁବୀ ହିନ୍ଦ୍ ରୂପେ ମଧ୍ୟ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ କରିଥିଲେ । ସେ ଯାହା ହେଉ ଆପଣଙ୍କର ଅସଂଖ୍ୟ ଜମାତୀୟ ସେବା ମଧ୍ୟ ରହିଛି । ଆପଣ ଏଠାରେ ଅର୍ଥାତ୍ ଲଣ୍ଡନ୍‌ର ଜଲ୍‌ସା ସାଲାନାରେ ମଧ୍ୟ ସାମିଲ୍ ହୋଇଛନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ, ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣଙ୍କ ସୁପୁତ୍ର ଶ୍ରୀଯୁକ୍ତ ସମଦ୍ ଗୌରୀ ସାହେବ କର୍ମଭୂମି ଆଲ୍‌ବାନିୟାରେ ଅବସ୍ଥାନ କରିଥିବା ହେତୁ ନିଜ ପିତାଶ୍ରୀଙ୍କ ଯନାଜାଃରେ ସାମିଲ୍ ହୋଇପାରିଲେ ନାହିଁ । ଅଲ୍ଲାଃତାଲା ତାଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ। **ଆମିନ୍** । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ନମାଜ୍ ଜୁମା ପରେ ମୁଁ ସ୍ୱର୍ଗତଙ୍କର ନମାଜ ଯନାଜାଃ ପାଠ କରାଇବି । **ଇନଶାଅଲ୍ଲାଃ।**

**(ଅଲ୍ ଫଜଲ୍ ଇଣ୍ଟରନ୍ୟାସନଲ୍, 2025 ମସିହା, ଅକ୍ଟୋବର ମାସ 24 ତାରିଖ, ପୃ-2-7)**

☆--☆--☆

## ପୃ-2ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ....

ମୃତ୍ୟୁବରଣ କରିଥିବ ଅବା ଅନ୍ୟ କୌଣସି ରୋଗ କିମ୍ବା ବିଷାକ୍ତ ପଦାର୍ଥ ସେବନ (ଖାଇବା) କରିବା ଦ୍ୱାରା ମୃତ୍ୟୁବରଣ କରିଥିବ । ଏହି ସମସ୍ତ ବସ୍ତୁ ଏପରି ଅଟନ୍ତି ଯେ, ସେହିସବୁ ବସ୍ତୁ ମାଂସକୁ ବିଷାକ୍ତ ଏବଂ ଅବ୍ୟବହାରଯୋଗ୍ୟ କରି ଦେଇଥାଆନ୍ତି। ଯଦି ଜୀବଟି କୌଣସି ଆଘାତ ଯୋଗୁଁ ମୃତ୍ୟୁ ବରଣ କରିଥାଏ ଯଥା କୂପ (କୂଅ)ରେ ବୁଡ଼ି ମୃତ୍ୟୁବରଣ କରିଥିବ କିମ୍ବା ପରସ୍ପର ମଧ୍ୟରେ ଯୁଦ୍ଧ କରି ମୃତ୍ୟୁବରଣ କରିଥିବ ତେବେ ମଧ୍ୟ ସେହି ଜୀବର ରକ୍ତରେ ବିଷାକ୍ତ ପଦାର୍ଥ ସୃଷ୍ଟି ହୋଇ ଯାଇଥାଏ, ଯାହାକି ସେହି ମାଂସକୁ ଅବ୍ୟବହାରଯୋଗ୍ୟ କରି ଦେଇଥାଏ ଏବଂ ରକ୍ତ ହେଉଛି ଏପରି ଏକ ଦ୍ରବଣୀୟ ପଦାର୍ଥ ଯାହା ଅନେକ ପ୍ରକାରର ବିଷାକ୍ତ ପଦାର୍ଥ ନିଜ ମଧ୍ୟରେ ଧାରଣ କରିଥାଏ । ଚିକିତ୍ସା ଦୃଷ୍ଟିରୁ ଏପରି ମୃତ ଜୀବର ମାଂସ ବ୍ୟବହାର କରିବା ଦ୍ୱାରା ମନୁଷ୍ୟର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥାଏ । ଠିକ୍ ଏହିପରି ଅବସ୍ଥା ଘୁଷୁରି ମାଂସର ମଧ୍ୟ ରହିଛି । ଘୁଷୁରି ମାଂସ ବ୍ୟବହାର କରିବା ଦ୍ୱାରା ନାନା ରୋଗରେ ମଣିଷ ଆକ୍ରାନ୍ତ ହୋଇ ଯାଇଥାଏ । ପୁନଶ୍ଚ ଘୁଷୁରି ମାସଂରେ କେତେକ ଚାରିତ୍ରିକ ଦୋଷ ଦୁର୍ବଳତା ମଧ୍ୟ ଦେଖିବାକୁ ମିଳିଥାଏ । ଏହି ଚାରିତ୍ରିକ ଦୋଷ ଦୁର୍ବଳତା ମାଂସ ବ୍ୟବହାରକାରୀ (ମାଂସ ଭକ୍ଷଣକାରୀ) ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଦେଖା ଦେଇଥାଏ। ଯଉଁ ବସ୍ତୁ ଅର୍ଥାତ୍ ଜୀବ ଈଶ୍ୱରଙ୍କ ନାମୋଚ୍ଚାରଣ ବ୍ୟତୀତ ଜେବହ୍ (କଟାଯାଏ) ତେବେ ସେହି ବସ୍ତୁ ବା ଜୀବର ବ୍ୟବହାର କରିବା ଫଳରେ ମନୁଷ୍ୟ ଅବିବେକୀ ଏବଂ ଅସ୍ୱାଭିମାନୀ ହୋଇଯାଇଥାଏ ଓ ତା' ମନରୁ ଅଲ୍ଲାଃତାଲାଙ୍କ ପ୍ରତି ଥିବା ସମ୍ମାନ ସମାପ୍ତ ହୋଇ ଯାଇଥାଏ । ସେହିପରି ପାନୀୟ ବସ୍ତୁ ମଧ୍ୟରୁ ଇସ୍‌ଲାମ୍ ଧର୍ମ ମଦ୍ୟ (ମଦ)କୁ ଅବୈଧ ବୋଲି ବିବେଚିତ କରିଛି । କାରଣ ମଦ ମନୁଷ୍ୟର ବୁଦ୍ଧି ଉପରେ ଏକ ପରଦା ପକାଇ ଦେଇଥାଏ ଏବଂ ମନୁଷ୍ୟର ବୌଦ୍ଧିକତା ଓ ଜ୍ଞାନକୁ କ୍ଷତି ପହଞ୍ଚାଇଥାଏ। ମନୁଷ୍ୟ ନିଜର ହିତାହିତ ଜ୍ଞାନ ଭୁଲି ଯାଇଥାଏ । ତେଣୁ ଅଲ୍ଲାଃତାଲା ଯେଉଁଭଳି ଭାବରେ ନାନା ବସ୍ତୁ ତଥା ସାମଗ୍ରୀ (ଅର୍ଥାତ୍ ଖାଦ୍ୟ ପଦାର୍ଥ, ମାଂସ ଇତ୍ୟାଦି)ମାନଙ୍କୁ ଅବୈଧ ତଥା ନିଷିଦ୍ଧ ବୋଲି ବିବେଚିତ (ଘୋଷଣା) କରିଛନ୍ତି ତାହାର କାରଣ ହେଲା ସେହି ବସ୍ତୁ ବା ସାମଗ୍ରୀମାନଙ୍କର ଶାରୀରୀକ, ଚାରିତ୍ରିକ ଓ ଆଧ୍ୟାତ୍ମିକ ଅପକାରିତା ମଧ୍ୟ ରହିଛି। କେବଳ ଏପରି ବସ୍ତୁକୁ ସେବନ (ଭକ୍ଷଣ ଅର୍ଥାତ୍ ଖାଇବା) କରିବା ଉଚିତ୍ ଏବଂ ବୈଧ ବୋଲି ଦର୍ଶାଇଛନ୍ତି ଯେଉଁ ବସ୍ତୁ, ଜୀବ କିମ୍ବା ପଦାର୍ଥଗୁଡ଼ିକ ମନୁଷ୍ୟର ଶାରୀରୀକ, ଚାରିତ୍ରିକ ଓ ଆଧ୍ୟାତ୍ମିକ ଉନ୍ନତିର କାରଣ ହେବ । ପୁନଶ୍ଚ ବୈଧ ଏବଂ ବିଶୁଦ୍ଧ ସାମଗ୍ରୀ ବା ବସ୍ତୁ ମଧ୍ୟରୁ ପବିତ୍ର ଜିନିଷ ବ୍ୟବହାର କରିବା ଉପରେ ଅଧିକ ଜୋର ଦେଇଛନ୍ତି ଅର୍ଥାତ୍ ଏପରି ବସ୍ତୁ ଯାହାକି ମନୁଷ୍ୟର ସ୍ୱାସ୍ଥ୍ୟ ଓ ମନୁଷ୍ୟର ସ୍ୱଭାବ ମୁତାବକ ହୋଇଥିବ, ଯେଉଁ ବସ୍ତୁକୁ ବ୍ୟବହାର କରିବା ଦ୍ୱାରା ମନୁଷ୍ୟର କୌଣସି କ୍ଷତି ସାଧାନ ହେବାର ସମ୍ଭାବନା ନଥାଏ ସେହି ବସ୍ତୁକୁ ଅଲ୍ଲାଃତାଲା ବୈଧ, ବିଶୁଦ୍ଧ ଓ ପବିତ୍ର ବୋଲି ବିବେଚିତ କରିଛନ୍ତି । ତହିଁରୁ ଏହାର ପ୍ରକାଶ୍ୟ ଯେ, ଇସ୍‌ଲାମ୍ ଧର୍ମ ଚରିତ୍ର ଉପରେ ଆହାରର ପ୍ରଭାବକୁ ମଧ୍ୟ ସ୍ୱୀକାର କରିଛି ଏବଂ ଆହାରକୁ ବିଶେଷ ସୀମା ଓ ସର୍ତ୍ତାବଳୀ ସହିତ ସଂଶ୍ଳିଷ୍ଟ କରି ଚରିତ୍ର ପ୍ରାପ୍ତିର ଏକ ନୂତନ ଦ୍ୱାର (ଇସ୍‌ଲାମ୍ ଧର୍ମ) ଉନ୍ମୁକ୍ତ (ଖୋଲି) କରି ଦେଇଛି । **(ତଫସିର୍ କବିର୍, ଭାଗ-6, ପୃ-180, ସଂସ୍କରଣ-2010 ମସିହା)** ☆--☆--☆

## ବିଗତ ସଂଖ୍ୟା-45, ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମାର 09-02-2024 ଅବଶିଷ୍ଟାଂଶ

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁହମ୍ମଦ୍ ଅଲାଓନା ସାହେବ୍ ନାମକ ଜଣ ବ୍ୟକ୍ତି କୁହନ୍ତି, 20 ବର୍ଷ ପୂର୍ବେ ମୁଁ ବୈଅତ୍ କରିଥିଲି । ଏତଦ୍‌ପରେ ମୁଁ ଯେତେବେଳେ କବାବିର୍ ଗଲି ସେତେବେଳେ ଅତ୍ୟନ୍ତ ପ୍ରେମ ଏବଂ ନିଷ୍ଠାର ସହିତ ସ୍ୱର୍ଗତ ମହୋଦୟଙ୍କୁ ମିଳିଲି ଏବଂ ଜମାଅତ୍‌ର ସେବା କରୁଥିବାର ମୁଁ ତାଙ୍କୁ ଦେଖିଥିଲି । ଆପଣ ଏତେ ବୃଦ୍ଧ ହେବା ସତ୍ତ୍ୱେ ଏପରି ନିଷ୍ଠାର ସହିତ କାମ କରୁଥିଲେ ଯେ, ଏହି ସ୍ଫୂର୍ତ୍ତି ଯୁବକମାନଙ୍କ ମଧ୍ୟରେ ଦୃଶ୍ୟମାନ ହେଉ ନାହିଁ । ଆପଣ ଅତ୍ୟନ୍ତ ଦୟାବାନ୍ ଓ ସହାନୁଭୂତିକ ବ୍ୟକ୍ତି ଥିଲେ ।

ନମ୍‌ର୍ ଅଜ୍‌ୱା ସାହେବା କୁହନ୍ତି ଯେ, ମୋର ସଂପର୍କ ଅଲ୍ ଖଲିଲ୍ ସହିତ ରହିଛି । ମୁଁ ନିଜର ଦୁଇ ପୁତ୍ରୀଙ୍କ ସହିତ ଯେତେବେଳେ ଏଠାକୁ ଆସିଲି ସେତେବେଳେ ମୋର କୌଣସି ଘର ନଥିଲା । ସ୍ୱର୍ଗତ ମହୋଦୟ ମୋତେ କହିଲେ, ଶ୍ରୀମତୀ ମହୋଦୟା ଆପଣ ନିଜର କନ୍ୟା ସନ୍ତାନଙ୍କୁ ମୋ ପାଖରେ ଛାଡ଼ି **(ଅବିଶିଷ୍ଟାଂଶ.....ସ୍ତମ୍ଭ-2ରେ)**

## ବେପରଦା ପ୍ରତି ବୃଦ୍ଧି ପାଉଥିବା କୁମାନସିକତା

ହ. ଖଲିଫତୁଲ୍ ମସିହ୍ ସାନି ର.ଅ କୁହନ୍ତି: "ଯେତେବେଳେ ବର କନ୍ୟା ଘରକୁ ଆସେ, ସେ ଅଣ ସଂପର୍କୀୟ ହିଁ ହୁଅନ୍ତୁ ନା କାହିଁକି, ସାହିର ସମସ୍ତ ମହିଳାମାନେ ବରକୁ ଦେଖି ପରଦା କରିବା ଜରୁରୀ ବୋଲି ମନେକରନ୍ତି ନାହିଁ । ସେମାନେ କୁହନ୍ତି, ହେଁ ବର ଠାରୁ କ'ଣ ବା ପରଦା କରିବୁ ଆମେ । ପୁନଶ୍ଚ କେବଳ ସେତିକି ନୁହେଁ ଅର୍ଥାତ୍ ସେମାନେ ବରକୁ ଦେଖି ପରଦା କରନ୍ତି ନାହିଁ ବରଂ ସେମାନେ ବର ସହିତ ଥଟ୍ଟା ମଜା ମଧ୍ୟ କରିଥାଆନ୍ତି । ଅତଏବ୍ ଏପରି ଅନେକ ପ୍ରକାରର କଥା ରହିଛି ଯେ, ବିବାହ ପର୍ବରେ ଧର୍ମବିଧାନର ବିରୁଦ୍ଧାଚାରଣ କରାଯାଇଥାଏ । ଲୋକମାନେ ଧର୍ମବିଧାନର ବିରୁଦ୍ଧାଚରଣ କରିଥାଆନ୍ତି । କିନ୍ତୁ ଏହା ଏପରି ଏକ ପ୍ରସଙ୍ଗ ଯେ, ଏଥି ସଂକ୍ରାନ୍ତରେ ଖୁବ୍ ସତର୍କତାର ସହିତ ଧର୍ମବିଧାନର ନିୟମାନୁବର୍ତ୍ତୀ ହେବା ଉଚିତ୍ ଓ ଆବଶ୍ୟକତା ଥିଲା ।"

**(ଖୁତ୍‌ବାତେ ମହମୁଦ୍, ଗ୍ରନ୍ଥଖଣ୍ଡ-3, ପୃ-71)**

ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ବର୍ଣ୍ଣନା କରନ୍ତି: "ବିଶ୍ୱାସରେ ଯେଉଁ ଦୋଷ ଦୁର୍ବଳତା ତଥା କୁପ୍ରଥା ସ୍ଥାନିତ ହୋଇଯାଇଛି ତନ୍ମଧ୍ୟରୁ ଗୋଟିଏ ପ୍ରଥା ହେଲା ବେପରଦା ପ୍ରତି ବୃଦ୍ଧି ପାଉଥିବା କୁମାନସିକତା ମଧ୍ୟ ଏକ ପ୍ରସଙ୍ଗ ଅଟେ। ନିଃସନ୍ଦେହ ରୂପେ ଏହା ଧର୍ମବିଧାନକୁ ସୀମାଲଂଘନ ନିକଟବର୍ତ୍ତୀ କରାଇଛି । ବରପକ୍ଷ ଏଥି ସଂକ୍ରାନ୍ତରେ ନିଃସ୍ତବ୍ଧତାକୁ ମଧ୍ୟ ପରିପ୍ରକାଶିତ କରିଥାଏ । କାରଣ ସମ୍ମାନାସ୍ପଦ ଅତିଥିମାନଙ୍କ ମଧ୍ୟରେ ଅନେକ ପ୍ରକାରର ଲଜ୍ଜାଶୀଳ ପରଦା ପରିଧାନ କରିଥିବା ମହିଳାମାନେ ମଧ୍ୟ ଥାଆନ୍ତି । ବେଧଡ଼କ ଫୋଟୋ ଉତ୍ତୋଳନକାରୀ କିମ୍ବା ଦାୟିତ୍ୱହୀନତା ଏବଂ ସତୀ ତଥା ଅବିବାହିତଙ୍କୁ ଡାକି ଫଟୋ ଉତ୍ତୋଳନ କରିବା ଏବଂ ଏହା ଚିନ୍ତା ନକରିବା କି ଉକ୍ତ ପ୍ରସଙ୍ଗଟି କେବଳ ବଂଶର ନିକଟ ପରିଧି ମଧ୍ୟରେ ସୀମିତ ଅଟେ । ଏଥି ସଂକ୍ରାନ୍ତରେ ସ୍ପଷ୍ଟ ରୂପେ ବାରମ୍ବାର ଉପଦେଶ ଦିଆଯିବା ଉଚିତ୍ ଯେ, ଆପଣ ଯଦି ପରିବାରବର୍ଗଙ୍କ ଭିଡ଼ିଓ ଇତ୍ୟାଦି କରିବେ ତେବେ ପ୍ରଥମେ ଅତିଥିମାନଙ୍କୁ ସାବଧାନ ଓ ସତର୍କ କରିଦିଅନ୍ତୁ । କେବଳ ସୀମିତ ପରିବାରବର୍ଗ ତଥା ବଂଶ ପରିଧି ମଧ୍ୟରେ ହିଁ ନିଜର ସୌକ୍‌କୁ ପୂର୍ଣ୍ଣ କରାଯାଉ ସମସ୍ତଙ୍କ ପାଇଁ ନୁହେଁ ?"**(ଦୈନିକ ଅଲ୍ ଫଜଲ୍, ରବୱା, 2002 ମସିହା, ଜୁନ୍ ମାସ 26 ତାରିଖ, ପୃ-4) (ରିସ୍ତା ନାତା ବିଭାଗ, ନଜାର୍ତ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟା, କାଦିୟାନ୍)** ☆--☆--☆

## ବିଗତ ସଂଖ୍ୟା-45, ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମାର 09-02-2024 ସ୍ତମ୍ଭ-1ର ଅବଶିଷ୍ଟାଂଶ

ଦିଅନ୍ତୁ ଏବଂ ଆପଣ ଦାରୁଜ୍ ଜିୟାଫତ୍‌ରେ ରୁହନ୍ତୁ । ସୁତରାଂ ଦେଢ ମାସ ପର୍ଯ୍ୟନ୍ତ ସ୍ୱର୍ଗତ ମହୋଦୟ ମୋ କନ୍ୟାମାନଙ୍କର ଯତ୍ନ ନେଇଥିଲେ ଏବଂ ମୋର କନ୍ୟାମାନଙ୍କୁ ଖାଦ୍ୟ ପେୟ ଓ ଅନ୍ୟାନ୍ୟ ସୁବିଧା ମଧ୍ୟ ପ୍ରଦାନ କରୁଥିଲେ । ମହୋଦୟା କୁହନ୍ତି ଯେ, ସେ ମୋ ନିମନ୍ତେ ଜଣେ ସନ୍ତାନବତ୍ସଳ ପିତା ପରି ଥିଲେ । ତାଙ୍କର ବିୟୋଗରୁ ମୋତେ ଏପରି ପ୍ରତିତ ହେଉଛି ଯେପରିକି ମୋ ଶରୀରରୁ ଆତ୍ମା ବାହାରି ଯାଇଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, କବାବିର୍‌ର ଶମ୍ସୁଦ୍ଦୀନ୍ ସାହେବ ନାମକ ଜଣେ ମୁବଲ୍ଲିଗ୍ ସାହେବ ଅଟନ୍ତି ସେ କୁହନ୍ତି: "ମସ୍‌ଜିଦ୍ ଏବଂ ମିଶନ୍ ହାଉସର କୌଣସି ପୁରୁଣା ଜିନିଷକୁ ଫିଙ୍ଗିବାକୁ ସେ ଭଲ ପାଉ ନଥିଲେ । ବରଂ ସେହି ପୁରୁଣ ଜିନିଷର ମରାମତି କରି ତା'କୁ ନୂତନ ରୂପେ ବ୍ୟବହାରଯୋଗ୍ୟ କରି ଦେଉଥିଲେ । ଏହା ହିଁ ସଞ୍ଚୟ କରିବାର ଉତ୍ତମ ପନ୍ଥା ଅଟେ । ଏହି ପନ୍ଥା ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ବ୍ୟବହାର କରିବା ଉଚିତ୍ । ବେଳେବେଳେ ଏହା ଦେଖିବାକୁ ମଧ୍ୟ ମିଳିଛି ଯେ, ମସ୍‌ଜିଦରେ ଯେଉଁ ଲୋକମାନେ ସାହାଯ୍ୟ ମାଗିବାକୁ ଆସୁଥିଲେ ସେମାନଙ୍କ ସହିତ ମଧ୍ୟ ସ୍ୱର୍ଗତ ମହୋଦୟ ଅତିଥିଙ୍କ ପରି ବ୍ୟବହାର ପ୍ରଦର୍ଶନ କରୁଥିଲେ ଏବଂ ସେମାନଙ୍କୁ ବସାଇ ଖାଦ୍ୟ ମଧ୍ୟ ଖୁଆଉଥିଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ,"ରନା ଓହ୍‌ଦେ ଜାହାଙ୍ଗିର୍ ସାହେବା ତାଙ୍କର ନାତୁଣୀ ଅଟନ୍ତି, ସେ କୁହନ୍ତି ଯେ, ମୁଁ ସର୍ବଦା ଦଦାଙ୍କୁ ନମାଜ୍ ତହଜୁଦ୍ ପାଇଁ ସକାଳେ ଉଠୁଥିବାର ଏବଂ ନିୟମିତ ପାଞ୍ଚବେଳା ନମାଜ୍ ପାଠ କରୁଥିବାର ଦେଖିଛି । ରନା ଓହ୍‌ଦେ ସାହେବା ପୁନଶ୍ଚ କୁହନ୍ତି ଯେ, ମୋର ଦଦା ଅଭାବି ଏବଂ ଦୀନ ଦରିଦ୍ରମାନଙ୍କର ବହୁତ ଧ୍ୟାନ ରଖୁଥିଲେ । ଲୋକମାନେ କହୁଥିଲେ **(ଅବିଶିଷ୍ଟାଂଶ.....ପୃ-12ରେ)**

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

## ଇଚ୍ଛୁକ ଓ ଆଗ୍ରହୀ ପ୍ରାର୍ଥୀମାନେ ଦୟାକାରି ଧ୍ୟାନ ଦିଅନ୍ତୁ ! ନିଜାମତ୍ ତାମିରାତ୍ (ନିର୍ମାଣ ବିଭାଗ) କାଦିୟାନରେ ଜଣେ ଇଲେକ୍ଟ୍ରିକାଲ୍ ସୁପରଭାଇଜରର ଆବଶ୍ୟକତା ରହିଛି ।

**ସର୍ତ୍ତାବଳୀ/ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା :**

(1) ପ୍ରାର୍ଥୀଙ୍କୁ 18 ବର୍ଷରୁ କମ୍ ବୟସ ହୋଇ ନଥିବା ଉଚିତ୍ ଏବଂ 50 ବର୍ଷରୁ ଅଧିକ ବୟସ ହୋଇ ନଥିବା ଉଚିତ୍ (ପରିସ୍ଥିତିକୁ ଧ୍ୟାନରେ ରଖି ଜରୁରୀ କାଳୀନ ସ୍ଥିତିରେ ବିଚାର କରାଯାଇ ପାରିବ) ।

(2) ପ୍ରାର୍ଥୀ ଜଣକ ଇଲେକ୍ଟ୍ରିକାଲ ଫିଲ୍ଡ଼ରେ ପ୍ରମାଣ ପତ୍ର କିମ୍ବା Trade Qualification (ଉଦାହରଣ ସ୍ୱରୂପ କଳା, ବାଣିଜ୍ୟ ଆଦି ସଂସ୍ଥାନରୁ ଭୋକେସନାଲ ସ୍କୁଲରୁ) ପ୍ରାପ୍ତ କରିଥିବା ଉଚିତ୍ ।

(3) ପ୍ରାର୍ଥୀ ନିକଟରେ ଇଲେକ୍ଟ୍ରିକାଲ୍ ସୁପରଭାଇଜରର ଲାଇସେନସ୍ ହୋଇଥିବା ଉଚିତ୍ ।

(4) ପ୍ରାର୍ଥୀ ନିକଟରେ ଅତିରିକ୍ତ ସାର୍ଟିଫିକେଟ୍ ଯଥା- Safety Certificate, First Aid/CPR Training, Certificate Of HV/LV Switching Operations ହେବା ଉଚିତ୍ ।

(5) ପ୍ରାର୍ଥୀଙ୍କୁ ଅନ୍ତତଃ ଇଲେକ୍ଟ୍ରିକାଲ ଇନଷ୍ଟଲେସନ, ମରାମତି କିମ୍ବା ପ୍ରୋଜେକ୍ଟ ୱାର୍କରେ 2 ବର୍ଷ ବ୍ୟବହାରିକ ଅଭିଜ୍ଞତା ରହିଥିବା ଉଚିତ୍ ।

(6) ପ୍ରାର୍ଥୀଙ୍କୁ ସୁପରଭାଇଜର କିମ୍ବା Lead Technician Roleର ଅତି କମରେ 1 ବର୍ଷର ଅଭିଜ୍ଞତା ରହିଥିବା ଉଚିତ୍ ।

(7) ପ୍ରାର୍ଥୀଙ୍କୁ Industrial electrical systems,Control panels,Switchgear,Power Distribution Systems,Wiring and Conduit Systemsର କାର୍ଯ୍ୟର ଅଭିଜ୍ଞତା ରହିଥିବା ଉଚିତ୍ ।

(8) ପ୍ରାର୍ଥୀ Electricians କିମ୍ବା Techniciansର ଟିମକୁ ମ୍ୟାନେଜ୍ (ପରିଚାଳନା) କରିବାର ଅଭିଜ୍ଞତା ରହିଥିବା ଉଚିତ୍ ।

(9) ପ୍ରାର୍ଥୀଙ୍କୁ ନିକଟରେ ଇଲେକ୍ଟ୍ରିକାଲ୍ Codes ଏବଂ ସୁରକ୍ଷା ସ୍ତରର ଗଭୀର ଅବବୋଧ (ବୁଝିବା, ଧାରଣା) ରହିଥିବା ଉଚିତ୍ ।

(10) ପ୍ରାର୍ଥୀଙ୍କୁ ନିକଟରେ ଇଲେକ୍ଟ୍ରିକାଲ୍ Drawings ଓ Blueprints ପାଠ କରିବାର ଦକ୍ଷତା ରହିଥିବା ଉଚିତ୍ ।

(11) ପ୍ରାର୍ଥୀ ଇଲେକ୍ଟ୍ରିକାଲ୍ ସମସ୍ୟାକୁ ଅତି ସହଜରେ Troubleshooting କରିପାରୁଥିବା ଉଚିତ୍ ।

(12) ପ୍ରାର୍ଥୀ ନିକଟରେ ଭାଷା, ଯୋଗାଯୋଗ ଦକ୍ଷତା ଏବଂ ଟିମ୍ ଲିଡ଼ରଶିପରେ ଅଭିଜ୍ଞ ଓ ପାରଙ୍ଗମ ହୋଇଥିବା ଉଚିତ୍ ।

(13) ପ୍ରାର୍ଥୀ ସୁସ୍ଥ ହୋଇଥିବା ଉଚିତ୍ । ପ୍ରାର୍ଥୀଙ୍କର ଧାର୍ମିକ ଏବଂ ଚାରିତ୍ରିକ ଅବସ୍ଥା ଉତ୍ତମ ହୋଇଥିବା ଉଚିତ୍ ଏବଂ କାମ କଲାବାଲା ସହକର୍ମୀଙ୍କ ସହିତ ନମ୍ରତା ପ୍ରଦର୍ଶନ କରୁଥିବା ଉଚିତ୍ ।

**ଆବଶ୍ୟକୀୟ ମାର୍ଗଦର୍ଶିକା ବା ନିର୍ଦ୍ଦେଶାବଳୀ :**

(1) ସାପ୍ତାହିକ ବଦରରେ ଉକ୍ତ ଘୋଷଣାର ଶେଷ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ କାର୍ଯ୍ୟାଳୟରେ ହସ୍ତଗତ ହେବ ସେହି ଆବେଦନଗୁଡ଼ିକ ଉପରେ ହିଁ ବିଚାର କରାଯିବ ।

(2) ଇଚ୍ଛୁକ ପ୍ରାର୍ଥୀମାନେ ନିଜ ନିଜର ଆବେଦନ ପ୍ରକାଶିତ ଆବେଦନ ଫର୍ମ ପୂରଣ କରି ଜିଲ୍ଲା ଅମୀର/ସ୍ଥାନୀୟ ଅମୀର/ସଦର୍ ଜମାଅତ୍/ମୁବ୍ଲିଗ୍ ଇନ୍‌ଚାର୍ଜଙ୍କ ଦ୍ୱାରା ପୁଷ୍ଟିଗତ ଦସ୍ତଖତ ଏବଂ ମୋହର ସହିତ କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ ।

(3) ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ୍ କାଦିୟାନଙ୍କ ଦ୍ୱାରା ଡାକ୍ତରୀ ପରୀକ୍ଷା କରାଇବାକୁ ପଡ଼ିବ । ଯେଉଁ ପ୍ରାର୍ଥୀ ନୁର୍ ହସ୍ପିଟାଲଙ୍କ ମେଡ଼ିକାଲ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ।

(4) କାଦିୟାନ୍ ଯିବା ଆସିବା ନିମନ୍ତେ ବାଟ ଖର୍ଚ୍ଚ ଓ ମେଡ଼ିକାଲ୍ ସାର୍ଟିଫିକେଟର ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

(5) ଇଣ୍ଟରଭ୍ୟୁ ସମୟରେ ପ୍ରାର୍ଥୀଙ୍କୁ ନିଜର ଶିକ୍ଷାଗତ ଯୋଗ୍ୟତାର ସମସ୍ତ ସାର୍ଟିଫିକେଟ୍ ନିଜ ସାଙ୍ଗରେ ଆଣିବା ଆବଶ୍ୟକ ଅଟେ ।

**ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସହିତ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ, ପିନ୍ କୋଡ୍-**143516, ମୋବାଇଲ୍ ନଂ: 9682587713,9888232530, 9682627592, କାର୍ଯ୍ୟାଳୟ: 01872-501130**
Email:diwan@qadian.in

## କ'ଣ ଆପଣମାନେ ପ୍ରତ୍ୟେକ ଦିନ ନିମ୍ନଲିଖିତ ଦୁଆ ଜପୁଛନ୍ତି କି ?

سُبْحَانَ اللّٰهِ وَبِحَمْدِهٖ سُبْحَانَ اللّٰهِ الْعَظِیْمِ

اَللّٰھُمَّ صَلِّ عَلٰی مُحَمَّدٍ وَّاٰلِ مُحَمَّدٍ

**ଅନୁବାଦ୍:** ଅଲ୍ଲାଃତାଲା ନିଜର ପ୍ରଶଂସା ସହିତ ପବିତ୍ର ଅଟନ୍ତି, ଅଲ୍ଲାଃତାଲା ପବିତ୍ର ଅଟନ୍ତି ଏବଂ ସେ ମହାନ୍ ଅଟନ୍ତି । ହେ ଅଲ୍ଲାଃ ତୁମ୍ଭେ ମୁହମ୍ମଦ୍ ସ.ଅଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ କର ଓ ଆପଣ ସ.ଅଙ୍କ ପରିବାରବର୍ଗଙ୍କ ଉପରେ ମଧ୍ୟ ଶାନ୍ତି ଅବତୀର୍ଣ୍ଣ କର ।

☆--☆--☆

اَسْتَغْفِرُ اللّٰهَ رَبِّیْ مِنْ كُلِّ ذَنْبٍ وَّاَتُوْبُ اِلَیْهِ

**ଅନୁବାଦ୍:** ଅଲ୍ଲାଃତାଲାଙ୍କ ନିକଟରେ ମୁଁ କ୍ଷମାପ୍ରାର୍ଥୀ ଅଟେ ସେ ମୋର ପାଳନକର୍ତ୍ତା ଅଟନ୍ତି । ମୁଁ ତାହାଙ୍କ ଆଡ଼କୁ ହିଁ ଆନତ ହେଉଅଛି (ନତମସ୍ତକ ହେଉଅଛି) ।

☆--☆--☆

رَبِّ كُلُّ شَیْءٍ خَادِمُكَ رَبِّ فَاحْفَظْنِیْ وَانْصُرْنِیْ وَارْحَمْنِیْ

**ଅନୁବାଦ୍:** ହେ ମୋର ପାଳନକର୍ତ୍ତା ! ପ୍ରତ୍ୟେକ ବସ୍ତୁ ତୁମ୍ଭର ସେବକ ଅଟେ । ତେଣୁ ହେ ମୋର ପାଳନକର୍ତ୍ତା ! ତୁମ୍ଭେ ମୋତେ ସୁରକ୍ଷିତ ଏବଂ ନିରାପଦ ରଖ, ମୋତେ ସାହାଯ୍ୟ କର ଓ ମୋ ଉପରେ ଦୟା କର ।

☆--☆--☆

## ହଦିସ୍‌ର ଅନୁମତିର ଅର୍ଥ ଏହା ନୁହେଁ ଯେ, ପରସ୍ପରକୁ ବୁଝିବା ନିମନ୍ତେ ସବୁବେଳେ ଅଲଗା ସ୍ଥାନରେ ଯାଇ ବସିବା ?

### ହଜରତ୍ ଖଲିଫତୁଲ୍ ମସିହ୍ ଖାମିସ ଅ.ବ (ପଞ୍ଚମ ଖଲିଫା)ଙ୍କ ନିତୀବାଣୀ

ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ହ. ମୁଗିରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେ ଏକ ସ୍ଥାନାରେ ନିଶାନୀ କରିବାକୁ ସନ୍ଦେଶ ପ୍ରେରଣ କଲେ । ତେବେ ଆପଣ ସ.ଅ କହିଲେ, ହେ ମୁଗିରାହ୍ ! ତୁମେ ସେହି କନ୍ୟାକୁ ଦେଖିନିଅ । କାରଣ ଏପରି ଦେଖିବା ଦ୍ୱାରା ତୁମ ମଧ୍ୟରେ ଓ କନ୍ୟା ମଧ୍ୟରେ ସମନ୍ୱୟତା ଏବଂ ପ୍ରେମ ସଂପର୍କ ଗଢି ଉଠିବାର ଯଥେଷ୍ଟ ସମ୍ଭାବନା ରହିଛି ।

**(ତିର୍ମିଜି, କିତାବୁନ୍ ନିକାହ୍, ବାବ୍- ଫିନ୍ ନଜ୍‌ରି ଇଲଲ୍ ମଖ୍‌ତୁବତି)**

ଉପରୋକ୍ତ ହଦିସ୍‌ରେ ଯେଉଁ ଅନୁମତି ପ୍ରଦାନ କରାଯାଇଛି ତାହାକୁ ଆଜିକାଲି ସମାଜରେ କେତେକ ଲୋକମାନେ ଭୁଲ୍ ଅର୍ଥ ମନେକରି ନେଇଛନ୍ତି । ସେହି ଲୋକମାନେ ଏହି ଅର୍ଥ ଗ୍ରହଣ କରି ନେଇଛନ୍ତି ଯେ, ପରସ୍ପରକୁ ବୁଝିବା ନିମନ୍ତେ ବର ଓ କନ୍ୟା ପରିବାର ବର୍ଗଙ୍କ ଠାରୁ ପୃଥକ୍ ରୁହନ୍ତୁ ଏବଂ ଅଲଗା ବୁଲାବୁଲି କରୁ ଥାଆନ୍ତୁ.....ଘରମାନଙ୍କରେ ମଧ୍ୟ ବର ଓ କନ୍ୟା ଘଣ୍ଟା ଧରି ଭିନ୍ନ ହୋଇ ବସି ରହିଥାଆନ୍ତି । ତେଣୁ ଏହି ପ୍ରସଙ୍ଗଟି ସଂପୂର୍ଣ୍ଣ ରୂପେ ଭୁଲ୍ ଅଟେ। କହିବାର ତାତ୍ପର୍ଯ୍ୟ ଏହିକି ଯେ, ପରସ୍ପର ସମ୍ମୁଖକୁ ଆସି ପରସ୍ପରର ମୁଖକୁ ଦେଖି ପରସ୍ପରକୁ ଦେଖିବା ବୁଝିବାରେ ସହଜତା ସୃଷ୍ଟି ହୋଇଥାଏ । କଥାବାର୍ତ୍ତା କରିବା ସମୟରେ କେତେକ ଗତିବିଧି ସଂପର୍କରେ ମଧ୍ୟ ଜଣା ପଡ଼ିଯାଇଥାଏ । ଅର୍ଥାତ୍ ପୁଅ ଝିଅର ଦୋଷଦୁର୍ବଳତା ଏବଂ ସୁଗୁଣ ସଂପର୍କରେ ଜାଣିପାରି ଥାଏ ଓ ଝିଅ ପୁଅର ଦୋଷଦୁର୍ବଳତା ଏବଂ ସୁଗୁଣ ସଂପର୍କରେ ଜାଣିପାରି ଥାଏ ।

ପୁନଶ୍ଚ ଆଜିକାଲିକା ଯୁଗରେ ଘରର ସଦସ୍ୟମାନଙ୍କ ସହିତ ବସି ଖାଦ୍ୟ ଖାଇବାରେ କୌଣସି ଅସୁବିଧା ଓ ଆପତ୍ତି ନାହିଁ । ଆହାର ଖାଇବା ସମୟରେ ମଧ୍ୟ ପରସ୍ପରର ଅନେକ ଗତିବିଧି ଓ ଅଭ୍ୟାସ ପ୍ରକାଶିତ ହୋଇ ଯାଇଥାଏ । ଯଦି ଏପରି କୌଣସି କଥା ଭଲ ନଲାଗେ ତେବେ ଆଗରୁ ଜଣା ପଡ଼ିଯିବ ଏବଂ ପରବର୍ତ୍ତୀ ସମୟରେ କଳି ଝଗଡ଼ା ହେବ ନାହିଁ । ଯଦି ସୁଗୁଣ ରହିଛି ତେବେ ସମନ୍ୱୟ ଓ ପ୍ରେମ ସଂପର୍କ ଗଢି ଉଠିଥାଏ.......ବେଳେବେଳେ ଅନ୍ୟ ଲୋକମାନଙ୍କର ଏହି ଭୂମିକା ହୋଇଯାଇଥାଏ **(ଅବଶିଷ୍ଟାଂଶ........ପୃ-12ରେ)**

## ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِیْنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Mianjan Khan,
Jamat Ahmadiya Nargaon,
Dist- Cuttack, (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 13 November 2025 Issue No. 46

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

## ପୃ-11ରେ ବର୍ଣ୍ଣିତ ହଦିସ୍ ଓ ହୁଜୁର ଅନୱର୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଉପଦେଶର ଅବଶିଷ୍ଟାଂଶ....

ଯେ, ଯଦି କାହା ସହିତ ରିସ୍ତା ହୋଇଗଲା ତେବେ ସେହି ସଂପର୍କକୁ ଭାଙ୍ଗିବା ନିମନ୍ତେ ଉଦ୍ୟମ କରିଥାଆନ୍ତି। ସେମାନଙ୍କୁ ସମ୍ମୁଖରେ ମିଳିବା ନିମନ୍ତେ ସୁଯୋଗ ମିଳି ନଥାଏ । ପୁଅ ଝିଅ ପରସ୍ପରର ଗତିବିଧିକୁ ଲକ୍ଷ୍ୟ କରିବା ଦ୍ୱାରା ପରସ୍ପରର ଦୋଷ ଦୁର୍ବଳତାକୁ ଜାଣି ଯାଆନ୍ତି । କିନ୍ତୁ ବେଳେବେଳେ କେତେକ ଲୋକ ଅନ୍ୟ ପାର୍ଶ୍ୱରୁ ଚରମ ସୀମାକୁ ପହଞ୍ଚି ଯାଇଥାଆନ୍ତି । ସେମାନେ ଆଦୌ ଏହା ସହ୍ୟ କରିପାରନ୍ତି ନାହିଁ ଯେ, ପୁଅ ଝିଅ ବା ବର କନ୍ୟା ବିବାହ ପୂର୍ବରୁ କିମ୍ବା ସନ୍ଦେଶ ସମୟରେ ପରସ୍ପର ମୁହାଁମୁହିଁ ହୋଇ ବସିବେ । ଏହାକୁ ସ୍ୱାଭିମାନର ନାମ ପ୍ରଦାନ କରାଯାଇଥାଏ ।

ଇସ୍‌ଲାମ୍ ଧର୍ମର ଶିକ୍ଷା ଏକ ମଧ୍ୟବର୍ତ୍ତୀ ଶୀକ୍ଷା ଉପରେ ପର୍ଯ୍ୟବେସିତ ଅଟେ। ନା କୌଣସି ଶିକ୍ଷା ନ୍ୟୁନ ରହିଛି ଓ ନା ହିଁ କୌଣସି ଶିକ୍ଷା ଆଧିକ୍ୟତା ରହିଛି । ସେହିପରି ଇସ୍‌ଲାମ୍ ଧର୍ମ ଚରମତ୍ୱ, ଚରମ ପଦକ୍ଷେପ ଗ୍ରହଣ କରିବା ସମ୍ପର୍କରେ ଓ ଏହା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ଜୋର ଦେଇ ନଥାଏ । ଏହା ଦ୍ୱାରା ଅର୍ଥାତ୍ ଇସ୍‌ଲାମ୍ ଧର୍ମର ଶିକ୍ଷା ଦ୍ୱାରା ହିଁ ମନୁଷ୍ୟ ସମାଜରେ ଶାନ୍ତିପୂର୍ଣ୍ଣ ଭାବରେ ଜୀବନ ଯାପନ କରିବ ଓ ସମାଜରେ ଉପଦ୍ରବ ଠାରୁ ଦୂରେଇ ରହି ପାରିବ । **(ଖୁତ୍‌ବାତେ ମସ୍ରୁର, ଗ୍ରନ୍ଥଖଣ୍ଡ-2, ପୃ-934) (ଶୋବା ରିସ୍ତା ନାତା, ନଜାରତ୍ ଇସଲାହ୍ ଓ ଇର୍ଶାଦ୍ ମର୍କଜିୟା, କାଦିୟାନ୍)**

☆--☆--☆

## ପୃ-2ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ....

ଯେ, ମହୋଦୟ ଆପଣ ନିଜର ପଇସା ନିଜ ଅସ୍ତିତ୍ୱରେ ମଧ ଖର୍ଚ୍ଚ କରନ୍ତୁ । କିନ୍ତୁ ସ୍ୱର୍ଗତ ମହୋଦୟଙ୍କର ଏହି ଉତ୍ତର ହେଉଥିଲା ଯେ, ଅଭାବି ବ୍ୟକ୍ତିମାନଙ୍କୁ ଟଙ୍କା ଦେବାକୁ ପସନ୍ଦ କରେ । ଈଶ୍ୱରଙ୍କ ଉପରେ ତାଙ୍କର ବିଶ୍ୱାସ ଅତୁଟ ଥିଲା । ଆପଣ ଖିଲାଫତକୁ ବହୁତ ଭଲ ପାଉଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ, ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । ତାଙ୍କର ସନ୍ତାନ ସନ୍ତତିଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । **ଆମିନ୍** । ତାଙ୍କର ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପରବର୍ତ୍ତୀ ଚର୍ଚ୍ଚା ହେଉଛି ସ୍ୱର୍ଗତା ରିହାନା ଫରହତ୍ ସାହେବାଙ୍କର । ବିଗତ ଦିନ ତାଙ୍କର ଜାନୁୟାରୀ ମାସରେ ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ଆପଣ ରବ୍‌ୱାର ମୁବଲ୍ଲିଗ୍ ସିଲ୍‌ସିଲା କରାମତୁଲ୍ଲାଃ ଖାଦିମ୍ ସାହେବଙ୍କର ପତ୍ନି ଥିଲେ । ତାଙ୍କ ବଂଶରେ ଅହମଦିୟତ୍ ତାଙ୍କର ପଣଦଦା ହ. ମୁନସୀ ଜଲାଲୁଦ୍ଦୀନ୍ ସାହେବ ର.ଅଙ୍କ ମାଧ୍ୟମରେ ପ୍ରବିଷ୍ଟ ହୋଇଥିଲା । ତାଙ୍କ ଦଦା ପାକିସ୍ତାନର ଗୁଜୁରାଟ୍ ଜିଲ୍ଲା ଅନ୍ତର୍ଗତ ବଲାନୀ ଗ୍ରାମର ଅଧିବାସୀ ଥିଲେ । ତାଙ୍କର ନାମ ହ. ମସିହ୍ ମଉଦ୍ ଅ.ସ ଜମିମା ଅଞ୍ଜାମେ ଆଥମ୍‌ରେ 313 ଜଣ ସାହାବାଙ୍କର ସୂଚୀରେ ପ୍ରଥମ ସଂଖ୍ୟାରେ ଦରଜ୍ କରିଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ ସ୍ୱାମୀଙ୍କ ବ୍ୟତୀତ ଗୋଟିଏ ପୁତ୍ର ସନ୍ତାନ ଏବଂ ତିନୋଟି କନ୍ୟା ସନ୍ତାନ ଅଛନ୍ତି । ସ୍ୱର୍ଗୋତାଙ୍କ ସୁପୁତ୍ର ଏହସାନୁଲ୍ଲାଃ ସାହେବ ଅଟନ୍ତି । **ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ..........**

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ବିଶେଷ ଉପସ୍ଥାପନ "ଐତିହାସିକ କାର୍ଯ୍ୟକ୍ରମ"

ଜମାଅତ୍ ଅହମଦିୟାର ସ୍ୱର୍ଣ୍ଣିମ ଇତିହାସ ଉପରେ ଆଧାରିତ କାର୍ଯ୍ୟକ୍ରମ ! ଏମ୍.ଟି.ଏ ଇଣ୍ଟର୍‌ନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଆ ପକ୍ଷରୁ ଏକ ବିଶେଷ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ଜମାଅତ୍ ଅହମଦିୟାର ଇତିହାସରେ ଘଟିଥିବା ମୁଖ୍ୟ ଘଟଣାବଳୀର ବିବରଣୀମାନ ଉପସ୍ଥାପିତ କରାଯାଇଛି । ଯେଉଁଠି ଉକ୍ତ ଘଟଣାବଳୀ ଘଟିଛି ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ସେହି ଐତିହାସିକ ସ୍ଥାନକୁ ସେନ୍ଦ୍ର କରି ଉକ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ତହିଁରେ ସଂକ୍ଷିପ୍ତ ଡକ୍ୟୁମେଣ୍ଟାରୀ (ପ୍ରାମାଣିକ ଭିଡ଼ିଓମାନ) ଇତ୍ୟାଦି ମଧ ଅନ୍ତର୍ଭୁକ୍ତ ରହିଛି । କାରଣ ଦର୍ଶକମାନେ ଏହା ଜାଣନ୍ତୁ ଯେ, ଏହି ସ୍ଥାନଗୁଡ଼ିକର ନାମ କ'ଣ, କେଉଁଠି ଏହି ସ୍ଥାନଗୁଡ଼ିକ ଅବସ୍ଥିତ ଅଟନ୍ତି? ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ । ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ ଚ୍ୟାନେଲ୍‌ରେ ମଧ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି। ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ମୁତାବକ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୁଅନ୍ତୁ ଏବଂ ଜମାଅତ୍‌ର ଇତିହାସ ସହିତ ଅବଗତ ହୁଅନ୍ତୁ । ଏମ୍.ଟି.ଏର ଅଫିସିୟାଲ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍ | ଏମ୍.ଟି.ଏରଅଫିସିୟାଲ୍ Whatsappp ଚ୍ୟାନେଲ୍

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ଅନନ୍ୟ ଉପସ୍ଥାପନ "ପୁସ୍ତକ ପରିଚୟ"

ରୁହାନୀ ଖଜାଏନ୍ ଏବଂ ଅନ୍‌ୱାରୁଲ୍ ଉଲୁମ୍‌ର ସାମଗ୍ରିକି ସମୀକ୍ଷା ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଆ ପକ୍ଷରୁ "**ପୁସ୍ତକ ପରିଚୟ**" ଉପରେ ଆଧାରିତ ଏକ ନୂତନ ତଥ୍ୟଭିତ୍ତିକ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ରୁହାନୀ ଖଜାଏନ୍, ଅନ୍‌ୱାରୁଲ୍ ଉଲୁମ ଗ୍ରନ୍ଥର ପୁସ୍ତକ ପରିଚୟ ଉପସ୍ଥାପିତ କରାଯାଇଥାଏ। ଏହି କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ନିମନ୍ତେ ଜ୍ଞାନଭିତ୍ତିକ, ଆଧାତ୍ମିକ ଓ ସାଂସ୍କାରିକ ଦୃଷ୍ଟିରୁ ଅତ୍ୟନ୍ତ ଉପାଦେୟ ଅଟନ୍ତି । ଉକ୍ତ କାର୍ଯ୍ୟକ୍ରମ ସାହାଯ୍ୟରେ ପୁସ୍ତକଗୁଡ଼ିକୁ ବୁଝିବାରେ ବେଶ୍ ସହାୟକ ଏବଂ ପୁସ୍ତକ ଅଧ୍ୟୟନ କରିବା ପ୍ରତି ସଦସ୍ୟବୃନ୍ଦଙ୍କ ମଧ୍ୟରେ ଆଗ୍ରହ ତଥା ରୁଚି ସୃଷ୍ଟି ହୋଇଥାଏ । ତେଣୁ ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ ଏବଂ ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ୍ ଚ୍ୟାନେଲ୍ (MTA International India Studios)ରେ ମଧ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି । ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ଅନୁଯାୟୀ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୋଇପାରିବେ । ଏମ୍.ଟି.ଏର ଅଫିସିୟାଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍ | ଏମ୍.ଟି.ଏରଅଫିସିୟାଲ୍ Whatsappp ଚ୍ୟାନେଲ୍

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** أَلَيْسَ اللّٰهُ بِكَافٍ عَبْدَهُ

**(ଅଜ୍ ଜୁମର: 36)**

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

**(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )**

**ତାଲିବେ ଦୁଆ:** Shenaz Begum, W/o- Sheikh Ghulam Ahmed & Family, Jamat Ahmadiya Bhadrak (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan